## ଟିକ୍ରାପଡାରେ ଗୋରୁହାଟ ଖୋଲିଲା

ଟିକ୍ରାପଡା, (ଡି.ଏନ.ଏ.): ସଇଁତଲା ବ୍ଲକ ଟିକ୍ରାପଡାଠାରେ ସାପ୍ତାହିକ ଗୋରୁ ହାଟ ସୋମବାର ଆରମ୍ଭ ହୋଇଛି। ସ୍ଥାନୀୟ ସରପଞ୍ଚ ଭାରତୀ ରାଜପଲିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାକୁ ସଂଯୋଜନା କରିଥିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନାର୍ଦ୍ଦନ ଯୋଶୀ। ଗ୍ରାମ ରୋଜଗାର ସହାୟକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲଳିତ ରଣା, ଇନ୍ଦୁମତୀ ଶବର, ଲଳିତ ବାଗ, ତ୍ରିନାଥ ରଣା ପ୍ରମୁଖ ୱାର୍ଡସଭ୍ୟ, ପ୍ରକାଶ ମିଶ୍ର,ସଞ୍ଜୟ ବର୍ଗର୍ତ୍ତି, ପ୍ରମୋଦ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ଟିକ୍ରାପଡା ଅଞ୍ଚଳରେ ଗୋରୁ ହାଟର ଆବଶ୍ୟକତା ଅନୁଭୂତ ହେଉଥିଲା।

## ସଂକ୍ଷେପରେ

### ବାଲି ଚାଲାଣ, ୨ ଟ୍ରାକ୍ଟର ଜବତ

ବାଉଁଶୁଣୀ, ୨୫।୧ (ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ରାଜସ୍ୱ ସର୍କଲ ଅନ୍ତର୍ଗତ ମହାନଦୀ ଘାଟ ଓ ଡମ୍ବରଗାଡ ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ଖବର ପାଇ ସୋମବାର ବୌଦ୍ଧ ତହସିଲଦାର ସନତ କୁମାର ନାଏକ ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ଚଢାଉ କରିଥିଲେ। ଚଢାଉବେଳେ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜବତ ଗାଡିକୁ ବାଉଁଶୁଣୀ ଥାନା ଜିମା ଦିଆଯାଇଛି।

### ସଂକଳ୍ପ ନେଲେ ନୂତନ ଭୋଟର

ଅମରପାଲି, ୨୫।୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅମରପାଲି ସରକାରୀ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ଜାତୀୟ ମତଦାତା ଦିବସରେ ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଭୋଇ ଅଧକ୍ଷତା କରିଥିଲେ। ଅନ୍ୟ ସମସ୍ତ ଶିକ୍ଷକଙ୍କ ସମେତ ନୂତନ ଭାବେ ଭୋଟର ହୋଇଥିବା ଯୁବତୀଯୁବକମାନେ ଯୋଗଦେଇଥିଲେ। ଏହି ଅବସରରେ ମତଦାତାମାନେ ସଂକଳ୍ପ କରିଥିଲେ।

### ଅବାଧ ମତଦାନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୫।୧: ବରଗଡ଼ ମହିଳା କଲେଜରେ ସୋମବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟଅତିଥି ଏବଂ ମହିଳା କଲେଜର ଅଧ୍ୟକ୍ଷ ସୁନୀଲ କୁମାର ଦେବତା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବରଗଡ଼ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ମହିଳା କଲେଜର ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଡେପୁଟି କଲେକ୍ଟର ପ୍ରଦୀପ କୁମାର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନୂତନ ଭୋଟର ପଞ୍ଜୀକରଣ, ଅବାଧ ଓ ମୁକ୍ତ ମତଦାନ, ଭୋଟର ସଚେତନତା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କିଛି ଭୋଟରଙ୍କୁ ଭୋଟର କାର୍ଡ଼ ଦିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡେପୁଟି କଲେକ୍ଟର ସଞ୍ଜୀବ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଉଡାର ସମିତି ସଭ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ



ଦେଓଗାଁ,୨୫।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ସମିତି ସଭ୍ୟ ପାଇଁ ହୋଇଥିବା ଉପନିର୍ବାଚନରେ ଟିକେନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉକ୍ତ ପଞ୍ଚାୟତରେ ସମିତି ସଭ୍ୟ ଥିବା ସୁରେଶ ମେହେରଙ୍କ ଦେହାନ୍ତ ପରେ ଗତ ପାଞ୍ଚମାସ ଧରି ଏହି ପଦବୀ ଖାଲି ପଡିଥିଲା। ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ସୁଦ୍ଧା ଜଣେ ମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ କେହି ନଥିବାରୁ ବ୍ଲକ ନିର୍ବାଚନ ଅଧିକାରୀ ରୁଦ୍ର ପ୍ରତାପ ସୁନା ଟିକେନ୍ଦ୍ର ସାହୁଙ୍କୁ ସମିତି ସଭ୍ୟଭାବେ ଘୋଷଣା କରିଛନ୍ତି।

### ବିଭିନ୍ନ ସ୍ଥାନରେ କନ୍ୟା ସନ୍ତାନ ଦିବସ

ତରବୋଡ, ଖଡିଆଳ/ ନୂଆପଡା ଅଫିସ, ୨୫।୧ (ଡି.ଏନ.ଏ.): ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ପ୍ରାଥମିକ ବିଦ୍ୟାଳୟରେ କିଟ ଓ କିସ୍ ଆନୁକୂଲ୍ୟରେ ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ କନ୍ୟା କିରଣ ମୁଁ ପଢିବି-ମୁଁ ବଢିବି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ହୋମସିଂ ମାଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ସଂଯୋଜକ ଆଶିଷ ଠାକୁର, ସ୍ୱୟଂଶକ୍ତି ମହିଳା ମହାସଂଘ ସଭାନେତ୍ରୀ ମମତା ମଞ୍ଜରୀ ଥପା, ଅଖିଳ ଭାରତୀୟ ଗଣ୍ଡୱାନା ସମାଜ ସଭାନେତ୍ରୀ ରମାକାନ୍ତି ମାଝି, ମାନିଗୁଡା ସମିତିସଭ୍ୟା ଦେଓକୁମାରୀ ମାଝି ଓ ସାମାଜିକ କର୍ମୀ ଯଶୋଦା ପାଣ୍ଡେ ଯୋଗଦାନ କରିଥିଲେ। ସେହିପରି ଖଡିଆଳ ବ୍ଲକସ୍ଥିତ ତିଖାଲି ବଙ୍ଗଳାଠାରେ କନ୍ୟା ଦିବସ ପାଳିତ ହୋଇଯାଇଛି। ଖଡିଆଳ ମହିଳା ମହାବିଦ୍ୟାଳୟ ଅଧକ୍ଷା ଓ ଅଧାପିକାମାନେ ଯୋଗଦେଇଥିଲେ।

# ଆଇଟିଆଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତ

## ଅନ୍‌ଲାଇନ ସିବିଟି ପରୀକ୍ଷାକୁ ବୟକଟ୍ କଲା ରାଜ୍ୟ ଘରୋଇ ଆଇଟିଆଇ ସଂଘ



ବଡ଼ଗାଁ, ୨୫।୧ (ଡି.ଏନ.ଏ)

ଗତବର୍ଷ ଜୁଲାଇ ମାସରେ ହେବାକୁ ଥିବା ଅଲ୍ ଇଣ୍ଡିଆ ଟ୍ରେଡ ଟେଷ୍ଟ ପରୀକ୍ଷା ଆଇଟିଆଇ ଛାତ୍ରୀଛାତ୍ରମାନେ ଆଜି ପର୍ଯ୍ୟନ୍ତ ଦେଇ ପାରିନାହାନ୍ତି। ସରକାରୀ ସ୍ତରରେ ଏହି ପରୀକ୍ଷା ଆଜି ପର୍ଯ୍ୟନ୍ତ କରାଇବାର କୌଣସି ବ୍ୟବସ୍ଥା କରାଗଲା ନାହିଁ। ତେବେ ଆସନ୍ତା ୨୮ ତାରିଖରେ ଏହାକୁ ଅନ୍‌ଲାଇନ ସିବିଟି (କମ୍ପ୍ୟୁଟର ବେସ୍ ଟେଷ୍ଟ) ପରୀକ୍ଷା କରାଇବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଗୋଟିଏ ପଟେ କମ୍ପ୍ୟୁଟରରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଛାତ୍ରୀଛାତ୍ରଙ୍କୁ ସିବିଟି ପରୀକ୍ଷା ଯୁକ୍ତିଯୁକ୍ତ ନ ଥିବା ଦର୍ଶାଇ ରାଜ୍ୟ ଘରୋଇ ଆଇଟିଆଇ ସଂଘ ପୂର୍ବରୁ ଅନଲାଇନ ସିବିଟି ପରୀକ୍ଷାକୁ ବିରୋଧ କରି ଆସୁଥିଲା। ରବିବାର ରାଜ୍ୟ ଘରୋଇ ଆଇଟିଆଇ ସଂଘ ପକ୍ଷରୁ କଟକ ଶ୍ରୀଗୁରୁ ଆଇଟିଆଇରେ ଏକ ଜରୁରୀକାଳୀନ ବୈଠକରେ ସଂଘର ସାଧାରଣ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ଭାଇସ ଚେୟାରମ୍ୟାନ ମିଳନ ମହାପାତ୍ର, ତ୍ରିଲୋକ ରାୟ, ସିଦ୍ଧେଶ୍ୱର ମହାନ୍ତି, ଶ୍ରୀନିବାସ ସୁବୁଦ୍ଧି, ଗଣେଷ ବିଶ୍ୱାଳ, ରାଧାକାନ୍ତ ଦାସ, ସ୍ୱାଧୀନ ନାୟକ, ମଧୁସୂଦନ ମହାପାତ୍ର, ଦିଲୀପ ମହାଭୋଇ, ରୂପେଶ ଗିରି, ବିଶ୍ୱଜିତ ପଣ୍ଡା ସଂଘ ପକ୍ଷରୁ ଏହି ଅନ୍‌ଲାଇନ ସିବିଟି ପରୀକ୍ଷାକୁ ବୟକଟ୍ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଅଛି। ପ୍ରକାଶଯୋଗ୍ୟ ଯେ, ଘରୋଇ ଆଇଟିଆଇରେ ପଢୁଥିବା ଛାତ୍ରୀଛାତ୍ର ଆର୍ଥୀକ ପଛୁଆବର୍ଗର ହୋଇଥିବା ବେଳେ ସେମାନେ ଦୂରଦୂରାନ୍ତରରେ କରାଯାଇଥିବା ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ଦେବା ସମ୍ଭବପର ହୋଇ ନ ଥିବା ଓ ପୁଣି ସେମାନଙ୍କ ଠାରୁ ପରୀକ୍ଷା ଫି ବାବଦରେ ୩୭୬ ଟଙ୍କା ଆଦାୟ ଯୁକ୍ତିଯୁକ୍ତ ହୋଇ ନ ଥିବା ଛାତ୍ରୀଛାତ୍ର ମହଲରୁ ପ୍ରକାଶ। ଅପରପକ୍ଷେ ଏହି ଛାତ୍ରୀଛାତ୍ରଙ୍କର ଗୋଟିଏ ବର୍ଷ ପାଠପଢ଼ା ଓ ପରୀକ୍ଷା ହେବା ସମ୍ପୂର୍ଣ୍ଣ ଅନିଶ୍ଚିତତା ଘେରରେ ରହିଛି। ଯାହା ଫଳରେ ସେମାନଙ୍କର ଭବିଷ୍ୟତ ଏକ ପ୍ରକାର ଅନିଶ୍ଚିତତା ଘେରକୁ ଚାଲି ଯାଇଛି। ସୋମବାର ବଡଗାଁ ଆଇଟିଆଇ ପରିସରରେ ରାଜ୍ୟ ଘରୋଇ ଆଇଟିଆଇ ସଂଘର ସଭାପତି ଡ. ଅରୁଣ କୁମାର ନାୟକ ଏହି ବିଷୟରେ ଏକ ପ୍ରେସ ବିବୃତି ମାଧ୍ୟମରେ ଅବଗତ କରାଇଛନ୍ତି। ସେ ରାଜ୍ୟ ଘରୋଇ ଆଇଟିଆଇ ସଂଘ ପକ୍ଷରୁ ଏହି ଅନଲାଇନ ସିବିଟି ପରୀକ୍ଷାକୁ ସଂଘ ପକ୍ଷରୁ ବୟକଟ କରାଯାଇଥିବା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଯାନ୍ତ୍ରୀକ ଶିକ୍ଷା ବ୍ୟବସ୍ଥା ତଥା ଅନ୍ୟ ଶିକ୍ଷା ବ୍ୟବସ୍ଥାରେ ସମସ୍ତ ପରୀକ୍ଷାକୁ ଯେନତେନ ଉପାୟରେ ଶିକ୍ଷା ବିଭାଗ ସମାପ୍ତ କରିଥିବା ବେଳେ କେବଳ ଆଇଟିଆଇ ପରୀକ୍ଷାରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଏହି ଅଯୁକ୍ତି ସଙ୍ଗତ ଅନ୍‌ଲାଇନ ସିବିଟି ପରୀକ୍ଷାକୁ ବିରୋଧ କରି ଛାତ୍ର ସ୍ୱାର୍ଥରେ ଘରୋଇ ଆଇଟିଆଇ ସଂଘ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି।

# ଜଗଙ୍କୁ ଭରସା ଜଗନ୍ନାଥ



ଜଗ ସାହୁ

ଅତାବିରା, ୨୫।୧ (ଡି.ଏନ.ଏ)

ପରିଣତ ବୟସରେ ଆବଶ୍ୟକ ସେବା ଶୁଶ୍ରୁଷା ଅଭାବରୁ ବହୁ ବୃଦ୍ଧାବୃଦ୍ଧ ଦୟନୀୟ ଜୀବନ ବିତାଉଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲା ଅତାବିରା ବ୍ଲକ କାଦୋବାହାଲ ଅଞ୍ଚଳରେ।

ସୋନପୁର ଜିଲା ବିନିକା ଥାନା ବଡକର୍ଲେ ଗ୍ରାମର ଜଗ ସାହୁ (୮୪)। ସୋମବାର ସେ ୨/୩ଟି ବ୍ୟାଗ୍ ଭାର କରି ଭେଡେନ ବ୍ଲକରୁ ଅତାବିରା ଅଞ୍ଚଳକୁ ଚାଲି ଚାଲି ଆସୁଥିବା ଦେଖିବାକୁ ମିଳିଥିଲା। ୫୪ ନଂ ରାଜପଥ ଦେଇ ଚାଲି ଚାଲି ଯାଉଥିବା ଦେଖି ତାଙ୍କୁ ପଚାରିବାରୁ ଜଗ କହିଥିଲେ, ସେ ଅବିବାହିତ। ଗାଁରେ ଥିବା କିଛି ଜମିବାଡି ଭାଇମାନେ ବୁଝୁଛନ୍ତି। ଜମିବାଡି ଥିଲେ ମଧ ସେ ବାରଦ୍ୱାର ହେଉଛନ୍ତି । ଖାଏଲେ ମୁଠେ ଗଲା, ପିନ୍ଧିଲେ ଖଣ୍ଡେ ଗଲା, ଗାଧୋଇଲେ ମୁଢେ ଗଲା ବୋଲି କହିଥିଲେ। ଯେଉଁଠାରେ ରାତି ହୋଇଯାଏ ସେହି ଗାଁ ହୋଇଯାଏ ଜଗ ସାହୁଙ୍କ ଠିକଣା। ଯିଏ ବାଟରେ ଯାହା ଦେଲେ ଖାଆନ୍ତି ଏବଂ ଶୀତ କାକରରେ ରାତି ବିତାଇଥାନ୍ତି । ପୁଣି ସକାଳ ହେଲେ ଆଗକୁ ଚାଲି ଚାଲି ଯାଆନ୍ତି ବୋଲି ଜଗ କହିଥିଲେ। ପଞ୍ଚାୟତ ଅଫିସରୁ ମାସକୁ ୭ଶହ ଟଙ୍କା ଭତ୍ତା ମିଳେ। ହେଲେ ସେ ବାବଦରେ ତାଙ୍କୁ କିଛି ଜଣାନାହିଁ । ଏବେ ତାଙ୍କୁ କେବଳ ଜଗନ୍ନାଥ ଭରସା ବୋଲି ସେ କହିଥିଲେ। ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ଉକ୍ତ ବୃଦ୍ଧଙ୍କୁ ଥଇଥାନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ଶ୍ରଦ୍ଧା-ମାଧବ ଯୋଡ଼ିଙ୍କୁ ଟାଇଟଲ



ଅତିଥିମାନଙ୍କ ଗହଣରେ ବିଜେତା ଓ ଉପବିଜେତା।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

ଗୁଡ୍‌ଭେଲା,୨୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ମାରୱାଡି ଯୁବାମଞ୍ଚ ପକ୍ଷରୁ ସ୍ଥାନୀୟ ଜୈନ ଭବନଠାରେ ଦିନିକିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ୧୩ବର୍ଷରୁ କମ୍ ବର୍ଗର ହୋଇଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଶ୍ରଦ୍ଧା ଜୈନ-ମାଧବ କେଡିଆ ଏବଂ ଆସ୍ଥା ଜୈନ-ନୈତିକ ଜୈନ ଯୋଡି ମୁହାଁମୁହିଁ ହୋଇଥିଲେ। ଏଥିରେ ଶ୍ରଦ୍ଧା-ମାଧବ ଯୋଡ଼ି ଚାମ୍ପିୟନ ହୋଇଥିଲେ। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଶ୍ରଦ୍ଧା ଜୈନ, ମ୍ୟାନ ଅଫ ଦି ମ୍ୟାଚ ଆସ୍ଥା ଜୈନ, ଆରତୀ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ମାରୱାଡି ଯୁବାମଞ୍ଚ ସଭାପତି ମନୋଜ କୁମାର ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବତନ ଅଧକ୍ଷ ବୀରେନ୍ଦ୍ର ଜୈନ ମଞ୍ଚ ପରିଚାଳନା କରିଥିଲେ।

# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ବିକ୍ଷୋଭ



ଉତ୍ତ୍ୟକ୍ତ ଚାଷୀ ଜିଲାପାଳଙ୍କ ସଦ୍‌ଭାବନା ଗୃହ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

ତରବୋଡ/ନୂଆପଡା ଅଫିସ, ୨୫।୧ (ଡି.ଏନ.ଏ.)

ନୂଆପଡ଼ା ଜିଲାରେ ବର୍ତ୍ତମାନ ୭୯ଟି ଧାନ ବିକ୍ରି କେନ୍ଦ୍ର ବା ମଣ୍ଡିରେ ୨ ଲକ୍ଷ କୁଇଣ୍ଟାଲ ଧାନ ପଡିରହିଛି। ମିଲର୍ସ ଓ ପ୍ୟାକ୍ସ କର୍ମଚାରୀ ଚାଷୀଙ୍କୁ ଭୁଆଁବୁଲାଉ ଥିବାରୁ ଚାଷୀ ଉତ୍ତ୍ୟକ୍ତ ହୋଇ ସୋମବାର ଜିଲାପାଳଙ୍କ ସଦ୍‌ଭାବନା ଗୃହ ଘେରାଉ କରି ବିକ୍ଷୋଭ କରିଥିଲେ। ଜିଲାପାଳଙ୍କ ସଦଭାବନା ଗୃହରେ ଷୋଡଶ ଜିଲା ଯୋଜନା କମିଟି ବୈଠକ ବସି ଜିଲାର ହୋଇଥିବା କାର୍ଯ୍ୟ ଓ ହେବାକୁ ଥିବା କାର୍ଯ୍ୟ ଉପରେ ଯୋଜନା ଚାଲିଥିବା ବେଳେ ଉତ୍ତ୍ୟକ୍ତ ଚାଷୀ ସଦଭାବନା ଗୃହ ନିକଟରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପ୍ରଶାସନ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲାରେ ୯୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇ ୩୬ ଲକ୍ଷ କୁଣ୍ଟାଲ ଧାନ ଉତ୍ପାଦନ ହୋଇଛି। ହେଲେ ଜିଲାକୁ ୧୩ ଲକ୍ଷ କୁଇଣ୍ଟାଲ ଟାର୍ଗେଟ ଆସିଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବାରୁ ଚାଷୀ ଚିନ୍ତାରେ ପଡିଥିବା ଓ ମାସ ମାସ ଧରି ଚାଷୀ ମଣ୍ଡିରେ ଜଗି ରହୁଥିବାରୁ ଜିଲାସାରା ଚାଷୀ ଏକଜୁଟ ହୋଇ ସୋମବାର ଜିଲାପାଳଙ୍କ ଗୃହକୁ ଅଚଳ କରିବା ପାଇଁ ଉଦ୍ୟମ କରି ତାଲା ଦେବା ପାଇଁ ଯୋଜନା କରୁଥିଲେ। ଜିଲାପାଳ ସ୍ୱାଧାଦେବ ସିଂ ଆସି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୩୧ ତାରିଖ ସୁଦ୍ଧା ଜିଲାର ସବୁ ମଣ୍ଡିର ଧାନ କିଣାଯିବ, ଅବଧି ଶେଷ ହୋଇଥିବା ଟୋକନର ନବିକରଣ କରାଯିବ ଓ ଆଜି ସନ୍ଧ୍ୟା ସୁଦ୍ଧା ଦେଢଲକ୍ଷ କୁଇଣ୍ଟାଲ ଟାର୍ଗେଟ ଆସିବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀ ବିକ୍ଷୋଭରୁ ଓହରିଥିଲେ।

ବିକ୍ଷୋଭରେ ଗରିସେନା ଆବାହକ ରବି ମଙ୍ଗରାଜ, ଶଙ୍କର ଅହିର, ଅଭିନ୍ନ ପୁରୋହିତ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଚକଲୁ ମିଶ୍ର, କଲ୍ୟାଣ ଅହିର, ଗୌରମଣୀ ବିଭାର, ନାରାୟଣ ଦେବାଙ୍ଗନ, ଜଗଦିଶ ବାଗ, ଉଦେରାମ ଦଣ୍ଡସେନା, ଭୁକଲାଲ ସାହୁ ପ୍ରମୁଖଙ୍କ ସହିତ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମଧ୍ୟ ସମିଲ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ଘଣ୍ଟାପଡା

ଘଣ୍ଟାପଡା, ୨୫।୧ (ଡି.ଏନ.ଏ)

ବୌଦ୍ଧ ଜିଲା ଘଣ୍ଟାପଡା ସମଲେଶ୍ୱରୀ ଖେଳ ପଡିଆରେ ପଞ୍ଚମ ଜମ୍ଭେଶ୍ୱର ମାଝୀ ଓ ପ୍ରକାଶ କଅଁର ମେମୋରିଆଲ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ପ୍ରଥମ ଲିଗ୍ ମ୍ୟାଚ୍‌ରେ କୁରୁଳୁପା ଦଳ ୨-୧ଗୋଲରେ ତରଭାକୁ ପରାସ୍ତ କରିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଘଣ୍ଟାପଡା ଦଳ ୧-୦ଗୋଲରେ ନୂଆପଡାକୁ ହରାଇ କୁରୁଳୁପା ସହିତ ପ୍ରଥମ ସେମିଫାଇନାଲ ଖେଳିଥିଲା। ୧-୦ଗୋଲରେ କୁରୁଳୁପା ଦଳକୁ ହରାଇ ଘଣ୍ଟାପଡା ଫାଇନାଲକୁ ପ୍ରବେଶ କରିଛି। ଜମ୍ଭେଶ୍ୱର ମାଝୀ ଟ୍ରଷ୍ଟ ସଭାପତି ବସନ୍ତ ମାଝୀ ଖେଳ ଉଦ୍‌ଘାଟନ କରିଥିଲେ। ଶରତ ରଣା, ପ୍ରଭାତ ସାହୁ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ସମଲେଶ୍ୱରୀ ହାଇସ୍କୁଲର ପ୍ରଧାନଶିକ୍ଷକ ପିତବାସ ପଣ୍ଡା, ଜୁନିୟର କଲେଜର ଅଧକ୍ଷ ପରମାନନ୍ଦ ଡାଙ୍ଗ, ଶିକ୍ଷାବିତ୍ ଶ୍ରୀପତି ମଲିକ, ଦିବାକର ମିଶ୍ର, ପଞ୍ଚାନନ କଅଁର, ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ ମାଝୀ ସହଯୋଗ କରିଥିଲେ।

# ମାହେଶ୍ୱରୀ ନର୍ସିଂ କଲେଜ ଉଦ୍‌ଘାଟିତ



ଅତିଥିମାନେ ନର୍ସିଂ କଲେଜକୁ ଉଦ୍‌ଘାଟନ କରିଛନ୍ତି।

ବରଗଡ଼ ଅଫିସ୍,୨୫।୧

ବରଗଡ଼ ଭଟଲି ଛକରେ ସୋମବାର ମାହେଶ୍ୱରୀ ନର୍ସିଂ କଲେଜ ଉଦ୍‌ଘାଟିତ ହୋଇଛି। ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷା କମଳପ୍ରଭା କାପାନୀ, ପୁରୋହିତ ଜେନେରାଲ ହସ୍‌ପିଟାଲର ଡା. ରାମକୃଷ୍ଣ ପୁରୋହିତ ଓ ବିଶିଷ୍ଟ ପ୍ରବଚକ ସ୍ୱାମୀ ବାଳହଂସଜୀ ମହାରାଜ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜର ଚେୟାରମ୍ୟାନ ଫକୀର କର୍ଣ୍ଣ ଉଦଘାଟନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଜ୍ଞାନ ଆହରଣ ପାଇଁ ଉକ୍ତ କଲେଜ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକଙ୍କ ପାଇଁ ମାଇଲ ଖୁଣ୍ଟ ସାଜିବ ବୋଲି ସେ କହିଥିଲେ। ଏହାସହିତ ଉକ୍ତ କଲେଜରେ ନର୍ସିଂ ଶିକ୍ଷା, ପ୍ରଶିକ୍ଷଣ ଲାଭ କରି ସେମାନେ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଉପକୃତ ହେବେ ବୋଲି କର୍ଣ୍ଣ ପ୍ରକାଶ କରିଥିଲେ। କଲେଜର ଅଧ୍ୟକ୍ଷା ସୁନୀମା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁକ୍ତଦୁଇ କଲେଜ ଖୋଲିବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର

ଦେଓଗାଁ , ୨୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଓ ବନ୍ଧପଡାରେ ଥିବା ହାଇସ୍କୁଲଦ୍ୱୟକୁ ଅପଗ୍ରେଡ କରି ଯୁକ୍ତଦୁଇ କଲେଜ ଖୋଲିବା ପାଇଁ ସୋମବାର ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କୁ ସ୍ଥାନୀୟ ଜନ ପ୍ରତିନିଧି ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ଦାସ ସାଧାରଣତନ୍ତ୍ର ଦିବସ ପାଇଁ ବଲାଙ୍ଗୀର ଗସ୍ତରେ ଆସିଥିବାବେଳେ ତୁଷୁରା ଉଡାଜାହାଜ ପଡିଆରେ ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଉଡାର ସମିତି ସଭ୍ୟ ଟିକେନ୍ଦ୍ର ସାହୁ, ଯୁବ ବିଜୁ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ସାକ୍ଷାତ କରିଥିଲେ। ଏହି ଦୁଇଟି ସ୍ଥାନରେ ଯୁକ୍ତଦୁଇ ବିଦ୍ୟାଳୟ ସ୍ଥାପନ ହେଲେ ଛାତ୍ରୀଛାତ୍ର ବେଶ ଉପକୃତ ହୋଇ ପାରିବେ ବୋଲି ମନ୍ତ୍ରୀଙ୍କୁ ଜଣାଇଥିଲେ। ଉକ୍ତ ଅଞ୍ଚଳ ଗୁଡିକରେ ଆଦିବାସୀ ଓ ଜନଜାତି ବର୍ଗର ଅନେକ ପରିବାର ରହୁଥିବାବେଳେ ତାଙ୍କର ଆର୍ଥିକ ସ୍ୱଚ୍ଛଳ ସୁଦୃଢ ନୁହେଁ। ତେଣୁ ଏହି ଦୁଇଟି ସ୍ଥାନରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ସ୍ଥାପନ କରାଗଲେ ପ୍ରାୟ ୧୬ ଟି ପଞ୍ଚାୟତର ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଲାଭାନ୍ୱିତ ହେବେ।

# ଗାଳିଗୁଲଜ, ହତ୍ୟା ଉଦ୍ୟମ ଅଭିଯୋଗ

ଲୋଇସିଂହା,୨୫।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ) ଗ୍ରାମର ସତ୍ୟରଞ୍ଜନ ମହାଲିଙ୍ଗ(୫୪)ଙ୍କୁ ଗ୍ରାମର ୨ ଜଣ ଯୁବକ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଯେ, ସତ୍ୟରଞ୍ଜନଙ୍କ ଘର ସମ୍ମୁଖରେ ଝସକେତନ ମହାନନ୍ଦ ଓ ବିକ୍ରମ ମହାନନ୍ଦ ନାମକ ଦୁଇଜଣ ଯୁବକ ତାଙ୍କୁ କୌଣସି କାରଣ ନ ଥାଇ ଗାଳିଗୁଲଜ କରିଥିଲେ। ପରେ ଝସକେତନ ଏକ ଗାମୁଛାରେ ତାଙ୍କ ବେକକୁ ଚିପି ମାରିବାକୁ ଉଦ୍ୟମ କରିଥିବା ବେଳେ ବିକ୍ରମ ଗୋଇଠା ମାରିଥିଲେ। ଚିତ୍କାର ଶୁଣି ତାଙ୍କ ଭାଇ ପୀତବାସ ଆସି ଏହାର ପ୍ରତିବାଦ କରିବା ବେଳେ ସେ ମଧ ଆକ୍ରମଣର ଶିକାର ହୋଇଥିଲେ। ଏହି ସମୟରେ ଗାଁର ଅନ୍ୟ ଦୁଇଜଣ ସେଠାକୁ ଆସି ଯିବାରେ ଆମେ ଶାସକ ଦଳର ଜଣେ ଯୁବନେତାଙ୍କ ପାଖଲୋକ ବୋଲି କହି ଝସକେତନ ଓ ବିକ୍ରମ ସେଠାରୁ ଚାଲିଯାଇଥିଲେ ବୋଲି ସତ୍ୟରଞ୍ଜନ ଏତାଲାରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ଝସକେତନ ସତ୍ୟରଞ୍ଜନ ମହାଲିଙ୍ଗ ବିରୋଧରେ ଏତାଲା ଦେଇଥିଲେ।

# ଗୋବର୍ଦ୍ଧନ-ଇରଫାନ ଯୋଡ଼ି ଚାମ୍ପିୟନ

## ଅଭିମନ୍ୟୁ ସାହୁ ସ୍ମାରକୀ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ଟିକ୍ରାପଡା, ୨୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଫପସିଠରେ ଅଭିମନ୍ୟୁ ବ୍ୟାଡମିଣ୍ଟନ କ୍ଲବ ଓ ବାବାସାହେବ ଜିମ୍ ଆନୁକୂଲ୍ୟରେ ଅନୁଷ୍ଠିତ ଅଭିମନ୍ୟୁ ସାହୁ ସ୍ମାରକୀ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୋବର୍ଦ୍ଧନ ଓ ଇରଫାନ ଯୋଡି କ୍ରମାଗତ ଦୁଇଟି ସେଟରେ ୨୧-୧୬ ଓ ୨୩-୨୦ରେ ନିଖିଲ ଥପ୍ପା-ଦିଲୀପ ଆଚାରୀ ଯୋଡିଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଅଜିତ କୁମାର ମିଶ୍ର, ସଂଗ୍ରାମ ବେହେରା ଖେଳ ପରିଚାଳନା କରିଥିଲେ। ନିଲେଶ କୁମାର ସୁନା, ଶ୍ରୀନିବାସନ, ପଟେଲ ବାବୁ, ପବିତ୍ର ପଟ୍ଟନାୟକ, ଡି.କେ. ଦୋରା ଲାଇନମ୍ୟାନ ଦାୟିତ୍ୱ ନିର୍ବାହ କରିଥିଲେ। ଦିଗାମ୍ବର ମହାନନ୍ଦ ସ୍କୋରର ରହିଥିଲେ। ତରୁଣ ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଟିଟିଲାଗଡ ଏସ୍‌ଡିପିଓ ସୁରେନ୍ଦ୍ର କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମିଶନ ଶକ୍ତି, ଶିଶୁ ବିକଶ ମନ୍ତ୍ରୀ ଟୁକୁନି ସାହୁଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରମେଶଚନ୍ଦ୍ର ବଳ, ଡା. ପ୍ରଭାସ କୁମାର ବେହେରା, ଡା. ବବିତା ପାତ୍ର, ବୁଲୁ ବେହେରା ପ୍ରମୁଖ ସମ୍ମାନିତ ଆତିଥି ରହିଥିଲେ। ବିଜେତାଙ୍କୁ ଟ୍ରଫି ସହ ୧୨୦୦୦ ଓ ରନର୍ସ ଅପଙ୍କୁ ଟ୍ରଫି ସହ ୮୮୮୮ ଟଙ୍କା ପ୍ରଦାନ କରାଯାଇଥିଲା। ଆୟୋଜକ କମିଟିର ରାଜକିଶୋର ଡାଙ୍ଗ, ବୀରବର ସୁନା, ମଣ୍ଟୁ ଛତ୍ରିଆ, ବଣ୍ଟି ବେହେରା, ଜୟନ୍ତ ମହନ୍ତ, ଅଭିମନ୍ୟୁ ମହାନନ୍ଦ, ତ୍ରିନାଥ ମହାନନ୍ଦ, ଗଣେଶ ମାଲହୋତ୍ରା, ଭରତ ଛତ୍ରିଆ, ଦୀପକ ମହାନନ୍ଦ, ଘନଶ୍ୟାମ ଜେନା, ଅଜିତ ହରପାଲ, ପ୍ରକାଶ ବାରିକ, ମହେଶ ସୁନା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରଥିଲେ।





ଅତିଥିଙ୍କ ସହ ବିଜୟୀ ଓ ରନର୍ସ ଅପ ପ୍ରତିଯୋଗୀ।

# ସଫା ହେଉନି ଡ୍ରେନ, ପଡ଼ାବାସୀ ହନ୍ତସନ୍ତ





ଡ୍ରେନ ସଫା ହେଉ ନ ଥିବାରୁ ମଇଳା ଭର୍ତ୍ତି ହୋଇଛି।

ଜୁନାଗଡ, ୨୫।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଫତେନଗରପଡା ୫ନଂ. ଗଳିର ଡ୍ରେନ ସଫା କରାଯାଉ ନାହିଁ। ଏଥିଯୋଗୁ ଡ୍ରେନ୍‌ରେ ମଇଳା ପାଣି ଭର୍ତ୍ତି ହୋଇ ଓଭର ଫ୍ଲୋ ହେବାକୁ ବସିଲାଣି। ଡ୍ରେନରେ ପାଣି ଭର୍ତ୍ତି ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ଘରର ମଇଳା ପାଣି ଛାଡି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ବିଭିନ୍ନ ସମୟରେ ପଡାବାସୀ ଜୁନାଗଡ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ଏଯାଏ ସମାଧାନ ହୋଇନାହିଁ। ଏନ୍ଏସି ପକ୍ଷରୁ ଅନ୍ୟ ଡ୍ରେନଗୁଡିକୁ ସଫା କରାଯାଉଥିବା ବେଳେ ଏହି ଗଳିର ଡ୍ରେନ ସଫା କରାଯାଉ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ପଡାର ମଇଳା ପାଣି ଏହି ପଡାକୁ ଆସିଥାଏ। ଡ୍ରେନ ପାଣି ଜମି ରହୁଥିବାରୁ ବିଭିନ୍ନ ମଶା, ମାଛିଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ଫଳରେ ସ୍ଥାନୀୟ ଲୋକେ ବିଭିନ୍ନ ଜଳବାହିତ ରୋଗର ସଂକ୍ରମଣ ହେବା ଆଶାଙ୍କା ରହିଛି। ଜୁନାଗଡ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କୁ ପଚାରିବାରୁ ଜଣେ ବ୍ୟକ୍ତି ମୋର ଜାଗା କହି ବିଭିନ୍ନ ସମୟରେ ଡ୍ରେନକୁ ପୋତି ଦେଉଥିବାରୁ ଏପରି ସମସ୍ୟା ଦେଖାଦେଇଛି। ଏହାର ସମାଧାନ କରିବା ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ।

## ୬ କୁଇଣ୍ଟାଲ ଗଞ୍ଜେଇ ଜବତ କଲା ଏନ୍‌ସିବି

ସମ୍ବଲପୁର, (ବ୍ୟୁରୋ): ସମ୍ବଲପୁର ଅଇଁଠାପାଲି ଛକରୁ ସୋମବାର ଭୁବନେଶ୍ୱର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଚଢାଉ କରି ଗଞ୍ଜେଇ ଜବତ କରିଛି। ଏକ ଲେମ୍ବୁ ବୋଝେଇ ମିନିଟ୍ରକରୁ ୬ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଝାଡଖଣ୍ଡର ନାସିଦ ଆଲମ (୩୫) ଓ ପିଙ୍କୁ ସୌଦାଗର (୩୦)ଙ୍କୁ ଗିରଫ ପରେ ସମ୍ବଲପୁର କୋର୍ଟ ଚାଲାଣ କରାଯାଇଛି। କୋରପୁଟରୁ ଗଞ୍ଜେଇ ନେଇ ମିନିଟ୍ରକ (ସିଜି୦୮ଏଚ-୨୫୨୭) ବିହାର ଯାଉଥିବା ନେଇ ଏନ୍‌ସିବି ପାଖରେ ସୂଚନା ରହିଥିଲା। ଅଇଁଠାପାଲି ଛକରେ ଏକ ଟିମ୍ ଛପିରହି ଏହାକୁ ଧରିଥିଲା।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୪୯ ହଜାର ଲୁଟ୍

ପଦ୍ମପୁର, ୨୫।୧ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ସଁପିଆ ଗ୍ରାମର ଲକ୍ଷ୍ମଣ ପଣ୍ଡାଙ୍କ ବାଇକ୍ ଡିକି ଭାଙ୍ଗି ସୋମବାର ୪୯ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ସେ ପଦ୍ମପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି। ସୂଚନା ଅନୁସାରେ, ଲକ୍ଷ୍ମଣ ପଦ୍ମପୁର ଷ୍ଟେଟ ବ୍ୟାଙ୍କରୁ ୪୯ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଘରକୁ ଫେରିଥିଲେ। ବାଟରେ ସେ ଥାନା ସମ୍ମୁଖ ହୋଟେଲରୁ ଜଳଖିଆ ଖାଇ ଔଷଧ ଦୋକାନକୁ ଯାଇଥିଲେ। ଔଷଧ କିଣି ଘରକୁ ଫେରିବା ବାଟରେ କଂସର ଗ୍ରାମପଞ୍ଚାୟତ ନିକଟରେ ରହି ଦେଖିଲା ବେଳକୁ ଡିକିର ତାଲା ଭଙ୍ଗା ଯାଇଥିଲା। ଡିକିରେ ଥିବା ଏଟିଏମ କାର୍ଡ, ପାସବୁକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ କାଗଜାତ୍‌କୁ ଲୁଟେରା ନେଇଯାଇଛନ୍ତି।

### ଜଳିଗଲା ଘର

ବାଲିଶଙ୍କରା, ୨୫।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରବିବାର ରାତ୍ରି ୧୦ଟା ସମୟରେ ପ୍ରଧାନପଡାର ଭୂପେନ୍ଦ୍ର ପ୍ରଧାନଙ୍କ ଘର ବିଦ୍ୟୁତ ସଟସର୍କିଟ ଯୋଗୁ ଜଳି ପାଉଁଶ ହୋଇଯାଇଛି। ପରିବାରଙ୍କ କହିବା ଅନୁସାରେ ଖାଇବା ସାରି ଶୋଇବା ସମୟରେ କୌଣସି କାରଣ ବଶତଃ ଚାଓମିନ୍ ଦୋକାନ ଘରେ ବିଦ୍ୟୁତ ସଟସର୍କିଟ ଯୋଗୁ ହଠାତ ନିଆଁ ଜଳିଥିଲା। ଗ୍ରୋସୋରୀ ଜିନିଷ ସହ ଧାନ ଚାଉଳ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ବାଲିଶଙ୍କରା ଦମକଳ ବାହିନୀକୁ ଖବର ଦେଇଥିଲେ ସୁଦ୍ଧା ଦମକଳ ପହଞ୍ଚିବା ପୂର୍ବରୁ ସବୁ ପୋଡି ଯାଇଥିଲା। ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଭୂପେନ୍ଦ୍ର ଜଣେ ଅତି ଗରିବ ପରିବାର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ପ୍ରଧାନପଡାବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଏନ୍‌ଏଲ୍‌ସି ବିରୋଧରେ ଜିଲାପାଳଙ୍କୁ ଫେରାଦ

ରେଙ୍ଗାଲି, ୨୫।୧ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ ବିରୋଧରେ ପୁଣି ବିକ୍ଷୋଦ୍‌ଗାର କରିଛନ୍ତି ବିସ୍ଥାପିତ ଗ୍ରାମବାସୀ। ସେମାନେ ଜିଲା ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ସେମାନେ ଆସନ୍ତା ୩ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ସୋମବାର ଜମିହରା ବିସ୍ଥାପିତମାନେ ପୁଣି ଥରେ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ପିଏଏଫ୍ ତାଲିକା ପ୍ରକାଶ, ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ମାସ ୩୫ ଶହ ଟଙ୍କା ପ୍ରଦାନ, ସମସ୍ତଙ୍କୁ କେଟେଗୋରି ୧ ମାନ୍ୟତା ଦେଇ କ୍ଷତିପୂରଣ, ଜମି କିସମ ଅନୁସାରେ କ୍ଷତିପୂରଣ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଆଦି ଦାବି ଉଲ୍ଲେଖ ହୋଇଛି। ଏହି ଦାବିଗୁଡିକ ଆସନ୍ତା ୨ ତାରିଖ ସୁଦ୍ଧା ପୂରଣ ନ ହେଲେ ୩ରୁ ଖଣି କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ବିଜୁ ଛାତ୍ର ଜନତା ଦଳର ବବୁଲ ରାଉତଙ୍କ ନେତୃତ୍ୱରେ ହିମାଂଶୁ ମଲ୍ଲିକ, ପଦ୍ମଲୋଚନ ରାଉତ, ତରୁଣ ବୁଧିଆ, ମାନୁ ପ୍ରଧାନ, ଅଜିତ ବୁଧିଆ, ରମାକାନ୍ତ ମାଲି ପ୍ରମୁଖ ସାମିଲ ଥିଲେ।

### ଭଲିବଲ: ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

ଦେବଗଡ,୨୫।୧(ଡ଼ି.ଏନ୍.ଏ.): ବାରକୋଟ ବ୍ଲକ କଲା ଗ୍ରାମପଞ୍ଚାୟତ ସଦର ମହକୁମା ଭଲିବଲ ପଡିଆଠାରେ କଲା ଭଲିବଲ ଆସୋସିଏଶନ ପକ୍ଷରୁ ରବିବାର ଏକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲକୁ ୨-୦ ସେଟରେ ପରାସ୍ତ କରି ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ ହୋଇଛି। ମ୍ୟାଚ୍‌ଗୁଡିକୁ ରେଫରୀ ନିରନ ନାୟକ ଓ ଏସ. କେ. ଚାନ୍ଦ, ଆଶିଷ କୁମାର ପ୍ରଧାନ, ସୁଧାଂଶୁ ଶେଖର ଓ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲେ। କ୍ରୀଡାବିତ ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ବାରକୋଟ ତହସିଲଦାର ବାର୍ସିୟୁସ ଡୁଙ୍ଗଡୁଙ୍ଗ ମୁଖ୍ୟଅତିଥି, ନେତ୍ରାନନ୍ଦ ମହାକୁଳ ଓ ପ୍ରଶାନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଓ ରନର୍ସ ଅପ୍ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲକୁ ପୁରସ୍କୃତ କରିଥିଲେ।

# ଧାନ ଉଠୁନି, ଆନ୍ଦୋଳନମୁହାଁ ଚାଷୀ

## ୧୦ ଦିନ ସମୟ ନେଲା ପ୍ରଶାସନ

ପଦ୍ମପୁର, ୨୫।୧ (ଡି.ଏନ.ଏ)

ବରଗଡ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଢ଼େଇ ମାସରୁ ଅଧିକ ସମୟ ବିତିଲାଣି। ମାତ୍ର ଧାନ ବିକ୍ରି ସମସ୍ୟା ସମାଧାନ ହୋଇପାରିନାହିଁ। ଚାଷୀମାନଙ୍କ ପାଖରେ ଥିବା ସବୁ ଧାନ ବିକ୍ରି ହୋଇ ନ ଥିବା ବେଳେ ମଣ୍ଡି ଗୁଡିକୁ ବନ୍ଦ କରି ଦିଆଯାଇଛି। ଅନ୍ୟପକ୍ଷେ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ମଧ୍ୟ ସରିଗଲାଣି। ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ସେମାନେ ଆନ୍ଦୋଳନମୁହାଁ ହୋଇଛନ୍ତି।

ସୋମବାର ରାଜବୋଡାସମ୍ବର କୃଷକ ସଂଗଠନ ନେତୃତ୍ୱରେ ଚାଷୀମାନେ କନସିଂହା ଛକରେ ଧାନ ବୋଝେଇ ଟ୍ରାକ୍ଟର ରଖି ପଦ୍ମପୁର-ସୋହେଲା ରାସ୍ତା ଅବରୋଧ କରିଥିଲେ। ଚାଷୀଙ୍କ ପାଖରେ ରହିଥିବା ସମସ୍ତ ଧାନକୁ କିଣିବା ପାଇଁ ସେମାନେ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସମସ୍ତ ଚାଷୀଙ୍କ ଧାନ ଉଠିବା ବ୍ୟବସ୍ଥା ହେବା ପର୍ଯ୍ୟନ୍ତ କୃଷକ ସଙ୍ଗଠନ ରାସ୍ତାରୋକୋ ଜାରି ରଖିବେ ବୋଲି ପ୍ରଶାସନକୁ ଜଣାଇଥିଲା। ସନ୍ଧ୍ୟାରେ ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରିପାଳ, ଅତିରିକ୍ତ ତହସିଲଦାର ସରିତା ଗୁପ୍ତା, ଥାନାଧିକାରୀ ମାନସ ରଞ୍ଜନ ପ୍ରଧାନ ସେଠାକୁ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ୧୦ ଦିନ ମଧ୍ୟରେ ସମସ୍ତ ଚାଷୀଙ୍କ ଧାନ କିଣାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଚାଷୀନେତା ରମେଶ ମହାପାତ୍ର, ଅଶୋକ ସାହୁ, ରୋହିତ ପ୍ରଧାନ, କୈଳାଶ ବାରିକ, ଭୁଜ ସାହୁ, ଅଜିତ ବିଶ୍ୱାଳ, ଶତ୍ରୁଘ୍ନ ତ୍ରିପାଠୀ, ପ୍ରଶାନ୍ତ ପ୍ରଧାନ, ରାଜୀବ ମିଶ୍ର, ଲିଙ୍ଗରାଜ ଗଡତିଆ, ବାଞ୍ଛାନିଧି ନାୟକ, ହେମସାଗର ସାହୁ ଓ ଅନ୍ୟ ଚାଷୀମାନେ ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ ଚାଷୀଙ୍କ ଧାନ ନ ଉଠିଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କୃଷକ ସଙ୍ଗଠନ ପ୍ରଶାସନକୁ ଚେତାବନୀ ଦେଇଛି।




ରାସ୍ତାରେ ଆନ୍ଦୋଳନରତ ଚାଷୀ।

# ଜେଲଗଲେ ୪ ଅଭିଯୁକ୍ତ, ୩ ଅଟକ

## ଜରାସିଂହା ଡବଲ ମର୍ଡର ଘଟଣା

ବଲାଙ୍ଗୀର ଅଫିସ/ଦେଓଗାଁ, ୨୫।୧ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ଡବଲ ମର୍ଡର ଘଟଣାରେ ସୋମବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀମନ୍ତ ଭେସ୍ରା, ରାଧାକାନ୍ତ ସୁନା, ଯୁଧିଷ୍ଠିର ସୁନା ଓ ଗୋରେଖ ସୁନା । ଏହି ଘଟଣାରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି । ଏହି ଘଟଣାକୁ ନେଇ ଦେଓଗାଁ ଥାନାରେ ଏକ ମାମଲା (ନଂ.୨୧/୨୧) ରୁଜୁ ହୋଇଛି । ଚାଷଜମିରେ ପମ୍ପ ଯୋଗେ ପାଣିମଡାକୁ କେନ୍ଦ୍ରକରି କିଛିଦିନ ତଳେ ଧନମତ ରାଉତ୍ ଓ ଶ୍ରୀପତି ଭେସ୍ରାଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା । ଏହାକୁ ନେଇ ଶନିବାର ଅପରାହ୍ଣରେ ଛେଳି ଚରାଉ ଥିବାବେଳେ ଧନମତ ଓ ଶ୍ରୀପତିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଉତ୍ତ୍ୟକ୍ତ ହୋଇ ଧନମତ ଟାଙ୍ଗିଆରେ ଶ୍ରୀପତିଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ ପରେ ପ୍ରତି ଆକ୍ରମଣ କରାଯାଇ ଧନମତ ରାଉତଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ସଂଘବଦ୍ଧ ଭାବେ ଧନମତଙ୍କ ଘରେ ପଶି ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିଥିଲେ । ଏହି ଘଟଣାରେ ପୋଲିସ ରବିବାର ୫ ଜଣଙ୍କୁ ଅଟକ ରଖିଥିଲା ।



ପୋଲିସ ହେପାଜତରେ ଗିରଫ ୪ ଅଭିଯୁକ୍ତ।

# ବିସ୍ଥାପିତଙ୍କ ଜମିରୁ ଗଛକଟା ଆରମ୍ଭ

## ତାଳଚେର-ବିମଳାଗଡ ରେଳପଥ

- ଉପଯୁକ୍ତ କ୍ଷତିପୂରଣ ଦାବି
- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସମ୍ଭାବ୍ୟ ବିସ୍ଥାପିତ

ଦେବଗଡ,୨୫।୧(ଡ଼ି.ଏନ୍.ଏ.)

ତାଳଚେର-ବିମଳାଗଡ ରେଳପଥ ଦ୍ୱାରା ବିସ୍ଥାପିତ ହେବାକୁ ଯାଉଥିବା ଦେବଗଡ ଜିଲା ବାରକୋଟ ବ୍ଲକର ଅନେକ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସୋମବାର ଦେବଗଡ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପୂର୍ବାହ୍ନରେ ବିମଳାଗଡ-ତାଳଚେର ରେଲୱେ ଡିସପ୍ଲେସ୍‌ଡ ପ୍ରୋପର୍ଜ୍‌ଡ କମିଟିର ଆବାହକ ପୁରୁଷୋତ୍ତମ ପାତ୍ରଙ୍କ ଆବାହକତ୍ୱରେ ବାରକୋଟ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଅଭିଯୋଗ ଅନୁସାରେ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ରେଙ୍ଗାଲି ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ମସିଣା, କୁମ୍ଭାରଗାଡିଆ, ଆମ୍ବଗାଁ, ହରେକୃଷ୍ଣପୁର, ମେକଫର୍ସନପୁର, ସିଂହଶାଳ, କଣ୍ଢଲବାହାଳ, ଦମକୁଚା, ଜଗନ୍ନାଥପୁର, ଲଖାପାଲି, ଅକ୍ଷରଶୀଳା, ରଙ୍ଗମାଟିଆ, ଇନ୍ଦ୍ରାଣୀଝରଣ, ବଲଣ୍ଡା, ବାହାଡାପୋଶି ଓ ଗୋପପୁର ଗ୍ରାମରେ ଥଇଥାନ କରାଯାଇଥିଲା। ବର୍ତ୍ତମାନ ଯାଏ ସେମାନେ ଅଣ୍ଟା ସଳଖି ପାରିନଥିବା ବେଳେ ତାଳଚେର-ବିମଳାଗଡ ରେଳ ପ୍ରକଳ୍ପ ଦ୍ୱାରା ପୁଣିଥରେ ବିସ୍ଥାପିତ ହେବାକୁ ଯାଉଛନ୍ତି। ଏହା ସେମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ଅନ୍ୟପକ୍ଷରେ ରେଳ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ଜନସାଧାରଣଙ୍କ ରେକର୍ଡ ଜମିରୁ ଗଛକଟା ଆରମ୍ଭ ହୋଇଥିଲେ ମଧ୍ୟ ସେମାନଙ୍କୁ କୌଣସି କ୍ଷତିପୂରଣ ମିଳିନାହିଁ। ଏ ବାବଦକୁ ସେମାନଙ୍କୁ କେତେ ଟଙ୍କା କ୍ଷତିପୂରଣ ମିଳିବ ଓ କେବେ ମିଳିବ ତାହା ମଧ୍ୟ ସ୍ପଷ୍ଟ କରାଯାଇନାହିଁ । ଫଳରେ ଉପଯୁକ୍ତ କ୍ଷତିପୂରଣ ପାଇବା ନେଇ ସେମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ଏଣୁ ସେମାନେ ଦ୍ୱିତୀୟ ଥର ବିସ୍ଥାପିତ ହେବାକୁ ଯାଉଥିବାରୁ ଡେସିମିଲ ପିଛା ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ପାଇଁ ସେମାନେ ଦାବି ଜଣାଇଛନ୍ତି। ଏହାସହ ବିସ୍ଥାପିତଙ୍କ ଅନ୍ୟାନ୍ୟ ଦାବି ମଧ୍ୟ ରହିଛି ।

## ଗାଁ ସଫେଇ କଲେ ଏସ୍‌ଏଚ୍‌ଜି ସଭ୍ୟା

କର୍ଲାମୁଣ୍ଡା, ୨୫।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଜାପାଟିଠାରେ ଏସ୍‌ଏଚ୍‌ଜି ସଭ୍ୟାମାନେ ଗାଁ ସଫେଇ କରିଛନ୍ତି। ଏଥିରେ ପୂର୍ବତନ ସରପଞ୍ଚ ସୁରେଶ ଚୌଧୁରୀ, ନାଏବ ସରପଞ୍ଚ ଗୌରୀ ଦୀପ, ୱାର୍ଡସଭ୍ୟ ମମତା ଭୋଇ, ଭୈରବ ଦୀପ, ସାମନ୍ତ ଦୀପ, କରୁଣା ଭୋଇ, ରାଜକୁମର ସାହୁ ଓ ଗାଁର ଏସ୍‌ଏଚ୍‌ଜି ସଭ୍ୟାମାନେ ସାମିଲ ହୋଇଥିଲେ। ଆସନ୍ତା ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ଗାଁ ଲୋକଙ୍କ ଉଦ୍ୟମରେ ହେବାକୁ ଥିବା ବିହନ ଓ ଖାଦ୍ୟ ମେଳା ପାଇଁ ଗାଁର ସମସ୍ତ ଲୋକ ଏକଜୁଟ ହୋଇ ଗାଁକୁ ସୁନ୍ଦର ଭାବେ ସଜାଇବା ଉଦ୍ଦେଶ୍ୟରେ ସଫେଇ କାର୍ଯ୍ୟକ୍ରମ ରଖିଥିବା ଗାଁର ସ୍ୱେଚ୍ଛାସେବୀ ଭୂପିନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି।

# 'ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ଦେଇପାରୁନାହାନ୍ତି'

ବଲାଙ୍ଗୀର ଅଫିସ, ୨୫।୧

ଚାଷୀଙ୍କ ଉପାର୍ଜିତ ଧାନ କିଣିବାକୁ ସରକାର ଅସମର୍ଥ ହୋଇଛନ୍ତି। ଆଜି ଯେଉଁ ମଣ୍ଡିକୁ ଯାଇ ଦେଖିବେ ଲକ୍ଷାଧିକ ବସ୍ତା ଧାନ ପଡିରହିଛି। ସରକାର ଯେତିକି ଚାଷୀଙ୍କ ରେଜିଷ୍ଟ୍ରେସନ୍ କରିଛନ୍ତି ସେତିକି ଚାଷୀଙ୍କୁ ଟୋକନ୍ ଦେଇ ପାରିନାହାନ୍ତି। ଏଥିରୁ ସରକାରଙ୍କ ଧାନକିଣା ପ୍ରହସନ ପଦାରେ ପଡିଛି। ଅସାଧୁ ବେପାରୀ ଓ ମିଲର୍ସଙ୍କ ସହ ମିଶି ଚାଷୀଙ୍କୁ ଶୋଷଣ କରାଯାଉଛି। ସରକାର ଚାଷୀଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ର କହିଥିଲେ ଯେ, ସରକାରୀ ରିପୋର୍ଟ ଅନୁସାରେ ଜଳସେଚିତ ଜମିରେ ଏକର ପ୍ରତି ୩୫ରୁ ୪୦ ବସ୍ତା ଓ ଅଣଜଳସେଚିତ ଜମିରେ ଅତି କମ୍‌ରେ ୨୦ରୁ ୨୫ ବସ୍ତା ଧାନ ଅମଳ ହେଉଛି। ଜଳସେଚିତ ଅଞ୍ଚଳରୁ ଏକର ପ୍ରତି ୧୮ କୁଇଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ କିଣିବା ସରକାର ନିଷ୍ପତ୍ତି ନେଇଛନ୍ତି। ଅଧିକ ଅମଳ ପାଇଁ କେନ୍ଦ୍ରରୁ ପୁରସ୍କାର ପରେ ପୁରସ୍କାର ଗ୍ରହଣ କରୁଥିବା ସରକାର ଚାଷୀଙ୍କ ଅଧିକ ଅମଳ ଧାନକୁ କାହିଁକି କିଣି ପାରୁନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଗୋଟିଏ ପଟେ ଚାଷୀଙ୍କୁ ଅଧିକ ଉପାର୍ଜନ କରିବାକୁ ବିଭିନ୍ନ ପଦ୍ଧତିରେ ଚାଷ ପାଇଁ ପ୍ରବର୍ତ୍ତାଉ ଥିବାବେଳେ ଅନ୍ୟପଟେ ଚାଷୀଙ୍କୁ ଏକର ପ୍ରତି ଧାନ ଉପାର୍ଜନ ନେଇ ସୀମାବଦ୍ଧ କରାଯାଉଛି। ଏହାକୁ ନେଇ ବାରମ୍ବାର ବିଧାନସଭା ଓ ବାହାରେ ପ୍ରଶ୍ନ କଲେ ମଧ୍ୟ ସରକାର ଏହାର ଉତ୍ତର ରଖୁନାହାନ୍ତି। ଏଭଳିକି ସରକାରରେ ଥିବା ଜଣେ ମନ୍ତ୍ରୀ ଓ ବଲାଙ୍ଗୀରର ପୂର୍ବତନ ଏମ୍‌ପି ସରକାରଙ୍କ ଧାନକିଣା ନୀତିକୁ ନେଇ ସମାଲୋଚନା କରିସାରିଛନ୍ତି। ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦେବାରେ ଏବଂ ସେମାନଙ୍କ ସ୍ୱାର୍ଥରକ୍ଷା କରିବା ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିଧାୟକ ମିଶ୍ର ଦାବି କରିଥିଲେ। ଚୁଡାପାଲି ମଣ୍ଡି ଗସ୍ତ ସମୟରେ ଧାନକିଣା ଦୁର୍ନୀତିର ଅନେକ ପ୍ରମାଣ ମିଳିଥିଲେ ମଧ୍ୟ ଏଦିଗରେ କିଛି ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଫ୍‌ସିଆଇ ଧାନକିଣିବାକୁ ବାଧ୍ୟ ବୋଲି ଆଇନରେ ଉଲ୍ଲେଖ ରହିଥିଲେ ମଧ୍ୟ ରାଜ୍ୟ ସରକାର ଏଜେଣ୍ଟ ଭଳି ଧାନକିଣା ପ୍ରକ୍ରିୟାରେ କାର୍ଯ୍ୟ କରୁଛନ୍ତି। ଯଦି ଧାନକିଣା ସୁଚାରୁରୂପେ ସମ୍ପାଦନ କରିପାରୁନାହାନ୍ତି ତେବେ ଏଫ୍‌ସିଆଇକୁ ସିଧାସଳଖ ଧାନ କିଣିବାକୁ ସରକାର କାହିଁକି ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଭାଜପା ପକ୍ଷରୁ ଧାନକିଣା ଅବ୍ୟବସ୍ଥାକୁ ନେଇ କରାଯାଉଥିବା ଆନ୍ଦୋଳନ ଉପରେ ମତ ରଖି ସେ ଭାଜପାକୁ ମଧ୍ୟ ତୀବ୍ର ସମାଲୋଚନା କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ।

# ଧାନବସ୍ତା ରଖି ଚାଷୀଙ୍କ ଏନ୍‌ଏଚ୍ ଅବରୋଧ

## ପ୍ରଶାସନିକ ଆଲୋଚନା ବିଫଳ

ଲଖନପୁର,୨୫।୧(ଡି.ଏନ୍.ଏ.)

ଲଖନପୁର ବ୍ଲକ ଅତାବିରା ସେବା ସମବାୟ ସମିତିର ୧୭୨ଚାଷୀଙ୍କୁ ଟୋକନ୍ ପ୍ରଦାନରେ ତ୍ରୁଟି ଦେଖାଦେଇଛି। ଏହାକୁ ନେଇ ଚାଷୀମାନେ ସୋମବାର ୪୯ନଂ. ଜାତୀୟ ରାଜପଥର ପଞ୍ଚଗାଁ ଛକରେ ଧାନବସ୍ତା ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ, ଆଇଆଇସି ପବିତ୍ର କିଷାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କଠାରୁ ପ୍ରଶାସନ ଧାନ କ୍ରୟକରୁ ବୋଲି ଚାଷୀମାନେ କହିଥିଲେ। ବିଚାର ବିମର୍ଷ ଚାଲିଛି, ଶୀଘ୍ର ସମାଧାନ ହେବ ବୋଲି ଉପଜିଲାପାଳ ଟପ୍ପୋ କହିଥିଲେ। ଏହାକୁ ଚାଷୀମାନେ ପ୍ରତ୍ୟାଖ୍ୟାନ କରି ନିଜ ଦାବିରେ ଅଟଳ ରହିଥିଲେ। ଆନ୍ଦୋଳନକୁ ବ୍ଲକ ଓ ଜିଲା କୃଷକ ସଂଗଠନ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଛନ୍ତି। ଜିଲା କୃଷକ ସଂଗଠନ ସଭାପତି ଦିଲୀପ ବଢେଇ କହିଛନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆନ୍ଦୋଳନରେ ଜିଲା କୃଷକ ସଂଗଠନ ସଭାପତି ବଢେଇ, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ, ପ୍ରବକ୍ତା ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ରହିଛନ୍ତି।



ଆନ୍ଦୋଳନକାରୀଙ୍କ ସହ ଉପଜିଲାପାଳ ଶିବ ଟପ୍ପୋ ଆଲୋଚନା କରୁଛନ୍ତି।

# ସୁରେନ୍ଦ୍ର ସାଏଙ୍କ ନାମରେ ଛକ କରିବାକୁ ଦାବିପତ୍ର

ବ୍ରଜରାଜନଗର,୨୫।୧(ଡି.ଏନ୍.ଏ.)

ବ୍ରଜରାଜନଗର ପୌରାଞ୍ଚଳର ଟନେଲ୍ ରୋଡ୍ ପାଖ ଛକ ଓ ରାସ୍ତାକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ବ୍ରଜରାଜନଗର ଖବରଦାତା ସଂଘ ତରଫରୁ ସହରର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୌରନିର୍ବାହୀ ଅଧିକାରୀ ବିନୟ ପଟେଲଙ୍କୁ ଦିଆଯାଇଛି। ଏହାର ନକଲ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦିଆଯାଇଛି। ଭବିଷ୍ୟତର ବ୍ୟବସ୍ଥାକୁ ଦେଖି କାର୍ଯ୍ୟ କରିବେ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ସଦାନନ୍ଦ ତ୍ରିପାଠୀ, ରମେଶ ପ୍ରଧାନ, ରବି ଦୀକ୍ଷିତ, ପ୍ରତାପ କେଶରୀ ସିଂ, ଉପନ ଚରଣ ସାହୁ ପ୍ରମୁଖ ସାମିଲ ଥିଲେ।

# ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ

ସୋନପୁର/ଡୁଙ୍ଗୁରିପାଲି/ବିନିକା,୨୫।୧ (ନି.ପ୍ର./ଡି.ଏନ.ଏ.)

ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ସୁବର୍ଣ୍ଣପୁରରେ ନିଧି ସମର୍ପଣ ଅଭିଯାନ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଫେବୃୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ମନ୍ଦିରରେ ଏଥିପାଇଁ ବିଶେଷ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହୋଇଥିଲା। ପରେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସମ୍ପର୍କ ପ୍ରମୁଖ ସୁଦର୍ଶନ ଦାସ ମହାରାଜ ଓ ଗୋପାଳଜୀ ମଠର ମହନ୍ତ ବଂଶୀଧର ଦାସ ମହାରାଜ ମନ୍ଦିର ନିର୍ମାଣ ନିମନ୍ତେ ନିଧି ସମର୍ପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସହରର ରିକ୍ସା ଚାଳକ କ୍ଷମାନିଧି ବାଗ ଓ ସୁଇପର ଅମାନିଆ ବାଗ ମନ୍ଦିର ନିର୍ମାଣ ପାଇଁ ପ୍ରଥମେ ଅର୍ଥ ଦାନ କରିଥିଲେ। ବିଭାଗ ପ୍ରଚାରକ ପ୍ରଣବ ନାଏକ, ଜିଲା ସଂଘ ଚାଳକ ବିପିନ ବାଘ, ନିଧି ସଂଗ୍ରହ ପ୍ରମୁଖ ଗଦାଧର ବାରିକ୍, ମାଙ୍ଗୁ ସେଠୀ, ପ୍ରଦୀପ ପୁରୋହିତ, ରାଜେଶ ସିଂହ, ପ୍ରମୋଦ ମହାପାତ୍ର, ସଞ୍ଜୟ ମହାପାତ୍ର, ସ୍ୱରୂପ ପାତ୍ର ଓ ଜିଲା ସମିତିର କାର୍ଯ୍ୟକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ।

ଡୁଙ୍ଗୁରିପାଲି ଶ୍ରୀରାମ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମ ହେମନ୍ତ ବିଶ୍ୱାଳଙ୍କ ନିଧିରୁ ଶୁଭାରମ୍ଭ କରାଯାଇଥିଲା। ଏହି ଶୋଭାଯାତ୍ରାରେ ରାଧାବଲ୍ଲଭ ଷଡଙ୍ଗୀ, ମହେନ୍ଦ୍ର ନାଏକ, ରାମେଶ୍ୱର ପଧାନ, ଶାଶ୍ୱତ ହୋତା ପ୍ରମୁଖ ଯୋଗଦେଇଥିଲେ ।

ବିନିକା ବ୍ଲକସ୍ତରୀୟ ନିଧି ସଂଗ୍ରହ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏନେଇ ଏକ ସଚେତନତା ରଥ ବିନିକା ମାତାମଠଠାରୁ ବାହାରି ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିଥିଲା । ନିଧି ସଂଗ୍ରହ ଅଭିଯାନରେ ବିନିକା ବ୍ଲକ ସଂଯୋଜକ ଉମ୍ବରୁଧର ମେହେର, ଜିଲା କମିଟି ସଦସ୍ୟ ଧର୍ମେନ୍ଦ୍ର ବଡମାଳୀ, ସୁଶାନ୍ତ ପଧାନ ଓ ବିନିକା ସହରର ନିଧି ପ୍ରମୁଖ ତପନ ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବିତ ନେପାକ, ଓମ ପ୍ରକାଶ ଅଗ୍ରୱାଲ, ଧର୍ମେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର କୁମ୍ଭାର ପ୍ରମୁଖ ଯୋଗଦାନ ଦେଇଥିଲେ ।

# ଜିଲାସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

ବଲାଙ୍ଗୀର ଅଫିସ, ୨୫।୧

ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରଥମ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଚେସ୍ ଆସୋସିଏଶନ ସମ୍ପାଦକ ପ୍ରିୟବ୍ରତ ପଣ୍ଡାଙ୍କ ଉଦ୍ୟମ ଓ ସଭାପତି ଶୁକଦେବ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଚାମ୍ପିୟନଶିପ୍‌କୁ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡା ସଂସଦ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ରାଜେନ୍ଦ୍ର ୟୁନିଭରସିଟି ସ୍ପୋର୍ଟସ କାଉନ୍‌ସିଲର ସମ୍ପାଦକ ଆର୍‌କେ ସିଂ, ଆନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି, ବରିଷ୍ଠ କ୍ରୀଡା ସଙ୍ଗଠକ ଶଶୀଶେଖର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଓଡିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟଅତିଥି ଓ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସମ୍ମାନିତ ଅତିଥିଭାବେ ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଧୁଭୂଷଣ ମିଶ୍ର, ଭବେଶ ମହାନ୍ତି ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଆର୍ନ୍ତଜାତୀୟ ମାନ୍ୟତାପ୍ରାପ୍ତ ୧୨ ଜଣ ଖେଳାଳିଙ୍କ ସହ ସର୍ବମୋଟ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜୁନିୟର, ସବ୍ ଜୁନିୟର ବିଭାଗରେ ବସୁନ୍ଧରା ପଣ୍ଡା, ପ୍ରୀତିପର୍ଣ୍ଣା ସାହୁ, ସ୍ୱୟଂ ରଥ, ଶୋଭିନ ରଥ, ସୁରିତ ରଥ, ଅଧ୍ୟୟନ ଡାକୁଆ, ଅବସତ ଭରଦ୍ୱାଜ, ପୋନିସ ସାହୁ, ପ୍ରଥମ ମିତ୍ତଲ, ସ୍ୱସ୍ତିକା ନାଏକ, ସୋହନ ମହାପାତ୍ର ଏବଂ ମୁଖ୍ୟ ବିଭାଗରେ ବିରଞ୍ଚି ସାହୁ, ମଧୁ ସାହୁ, କାର୍ତ୍ତିକ ଦଣ୍ଡସେନା, ପ୍ରିୟବ୍ରତ ପଣ୍ଡା, ଦେବେନ୍ଦ୍ରେ ଯୋଷୀ, ଅଜୟ ଦର୍ଜି, ସୁକଦେବ ଗୁରୁ, ଗୋବିନ୍ଦ ସାହୁ, ସୁଶିଳ ତ୍ରିପାଠୀ, ଶ୍ରେୟସ ପାଣିଗ୍ରାହୀ, ଖିରୋଦ ଦଲାଇ, କରୁଣାକର ପାତ୍ର ସଫଳତା ହାସଲ କରି ପୁରସ୍କୃତ ହୋଇଥିଲେ। ସେମ୍‌ବୋର୍ଡ ସ୍କୁଲ ପ୍ରଯୋଜନାରେ ଏବଂ ଅରୁଣ କୁମାର ସାହୁଙ୍କ ପ୍ରେରଣାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଖେଳାଳି।

**ବିଷପିଇ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ**

ରାଉରକେଲା ଅଫିସ: ରେଲୱେ କଲୋନୀ ଅଞ୍ଚଳରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ରେଲୱେ କଲୋନି ଦୁର୍ଗାପୁର ବସ୍ତିରେ ସୀତାଦେବୀ ସାହୁ(୩୬) ପରିବାର ସହ ବାସ କରନ୍ତି। ପୂର୍ବାହ୍ନ ସାଢ଼େ ୧୧ଟାରେ କୌଣସି କଥାକୁ ନେଇ ତାଙ୍କ ଶାଶୁଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏନେଇ ସେ ସ୍ୱାମୀ ଶମ୍ଭୁ ପ୍ରସାଦଙ୍କୁ ଜଣାଇଥିଲେ। ସ୍ୱାମୀ ଉକ୍ତ କଥାରେ କୌଣସି ଉତ୍ତର ଦେଇ ନ ଥିବାରୁ ସନ୍ଧ୍ୟା ସମୟରେ ଘରେ ଥିବା କୀଟନାଶକ ଔଷଧକୁ ପିଇ ଦେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ୱାମୀ ଶମ୍ଭୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ଚୋରି ଘଟଣାରେ ଜଣେ ଗିରଫ

**ଲୁଟ୍ ୨ଲକ୍ଷ ଟଙ୍କା ଜବତ**

ସମ୍ବଲପୁର,୨୫।୧(ବ୍ୟୁରୋ): ସମ୍ବଲପୁର ପୋଲିସ ଡିକି ଭାଙ୍ଗି ଚୋରି ଘଟଣାରେ ସୋମବାର ଗଞ୍ଜାମ ଜିଲା ଆସିକା ଅଞ୍ଚଳରୁ ଅଭିଯୁକ୍ତ ଏ ନବୀନ (୨୬)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଲୁଟ୍ ହୋଇଥିବା ୨ ଲକ୍ଷ ଟଙ୍କା ଜବତ କରାଯାଇଛି। ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କଠାରୁ ଅଭିଯୋଗକାରୀ ପହରପାଲି ଗ୍ରାମର ପ୍ରମୋଦ ପଟେଲ ଟଙ୍କା ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୧୨ ତାରିଖରେ ରେଙ୍ଗାଲି କୋଅପରେଟିଭ ବ୍ୟାଙ୍କରୁ ପ୍ରମୋଦ ୨ଲକ୍ଷ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ସେ ଏକ ଦୋକାନ ସମ୍ମୁଖରେ ବାଇକ୍ ରଖି ସାମଗ୍ରୀ କିଣିବାକୁ ଯାଇଥିଲେ। କିଛି ସମୟ ପରେ ଫେରିବା ବେଳକୁ ଡିକି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଦେଖିଥିଲେ। ସେ ଏ ନେଇ ରେଙ୍ଗାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସି ଟିଭିରେ ଲୁଟେରାଙ୍କୁ ଚିହ୍ନଟ କରି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

### ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଅମରପାଲି, ୨୫।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତର ଗୋପପାଲିରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ହୋଇଯାଇଛି। ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ସୁର ଶୈବାଳିନୀ ହୋତା, ଆଶାକର୍ମୀ ଶାନ୍ତିଲତା ନାୟକ, ଅଙ୍ଗନୱାଡି କର୍ମୀ ଫଗୁଣୀ ଦେହେରୀ ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ଝିଅମାନଙ୍କୁ ନେଇ ସଙ୍ଗୀତ, ନୃତ୍ୟ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇଥିଲା। ନୃତ୍ୟରେ ଲିପି ଭୋଇ, ସଂଗୀତରେ ଜ୍ୟୋତିର୍ମୟୀ ଜଗଦଲା ଓ ପ୍ରଶ୍ନୋତ୍ତରରେ ଅଲିସା ନାୟକ ପ୍ରଥମ ହୋଇ ପୁରସ୍କୃତ ହୋଇଥିଲେ।

### ନେତାଜୀ କ୍ଲବର ବାର୍ଷିକୋତ୍ସବ

ଅତାବିରା, ୨୫।୧ (ଡି.ଏନ.ଏ): ବରଗଡ ଜିଲା ଅତାବିରା ବ୍ଲକ ପୋଡବାଡି ନେତାଜୀ କ୍ଲବର ୪୨ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୀବର୍ଦ୍ଧନ କ୍ଷେତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନେହେରୁ ଯୁବ କେନ୍ଦ୍ର ଅଧିକାରୀ ରୋଶନ ଚନ୍ଦନ ମୁଖ୍ୟଅତିଥି, ଚଳଚ୍ଚିତ୍ର ତାରକା ସୋମନ ପୂଜାରୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରାଧା ମହାକୁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାଟ୍ରିକ ଟପ୍ପର ସୌମ୍ୟରଞ୍ଜନ ସାହୁ, କୁଲତାଟୁକୁରା ହାଇସ୍କୁଲ ଛାତ୍ରୀ ଅର୍ଚ୍ଚନା ସାହୁ, ଗୋପାଳ କର୍ଣ୍ଣ, ସଂକୀର୍ତ୍ତନ ଗାୟକ ବିରଞ୍ଚି ମଟାରୀଙ୍କୁ ସମ୍ମାନୀତ କରାଯାଇଥିଲା। ଗ୍ରାମାଞ୍ଚଳ ମହିଳାମାନଙ୍କୁ ନେଇ ଗୃହ ଲକ୍ଷ୍ମୀ ପ୍ରତିଯୋଗିତା କରାଯାଇଥିଲା। ସୁବାଷିନୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ଗୃହଲକ୍ଷ୍ମୀ ସମ୍ମାନରେ ସମ୍ମାନୀତ ହୋଇଥିଲେ ।

### ଗଣ୍ଡସମାଜ ବିକାଶ ପରିଷଦର ସମ୍ବର୍ଦ୍ଧନା ସଭା

କିର୍ମିରା, ୨୫।୧(ଡି.ଏନ.ଏ.): ଝାରସୁଗୁଡା ଜିଲା ଗଣ୍ଡସମାଜ ବିକାଶ ପରିଷଦର ସମ୍ବର୍ଦ୍ଧନା ସମାରୋହ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସଭାପତି ଲକ୍ଷ୍ମୀଚରଣ ପାଲ, ରବୀନ୍ଦ୍ର ସୋହେଲା, ଗଙ୍ଗାଧର ବେହେରା, ତପେଶ୍ୱର ସିଂ, ଗୌରାଙ୍ଗ ଜଗତ, ଶ୍ୟାମସୁନ୍ଦର କଂସରାଲି, ଦେବକୁମାର ବାଗ ଓ ନବନିର୍ବାଚିତ ସଭାପତି ପ୍ରେମସାଗର, ସମ୍ପାଦକ ମନ୍ମଥ କିଶୋର ବଖରା, କୋଷାଧ୍ୟକ୍ଷ ମୁରଲୀ ଛଛାନଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ନାଗରିକ କୁଶାସନ ଜୟପୁରିଆ, ଖଗେଶ୍ୱର ବେହେରା, ଆଇନଜୀବୀ ତ୍ରିନାଥ ଗୋଏଲ, ସୁଶାନ୍ତ ମହାଭରା, ତୁଳାରାମ ରେହନା, ଋଷଭ ସୁନା ପ୍ରମୁଖ ଉପସ୍ଥିତ ରହି ସମାଜର ଉନ୍ନତି କଳ୍ପେ ମନ୍ତବ୍ୟ ଦେଇଥିଲେ। ନିତ୍ୟାନନ୍ଦ ଜଗତ ସ୍ୱାଗତ ଭାଷଣ ଓ ଗଙ୍ଗାଧର କଣ୍ଡା ଧନ୍ୟବାଦ ଦେଇଥିଲେ।

# ସ୍ଥାନାନ୍ତର ହେଲା ହୋମିଓପାଥି ମେଡିକାଲ

- ପୁରୁଣା କୋଠାରେ ମଧ ଚାଲିବ ଚିକିତ୍ସା
- ଶିକ୍ଷାଦାନ ସହ ରୋଗୀଙ୍କ ପାଇଁ ସୁବିଧା
- ୨୮ରେ ହେବ ନୂତନ କୋଠାର ଉଦ୍‌ଘାଟନ

ସମ୍ବଲପୁର,୨୫।୧(ବ୍ୟୁରୋ)



ସମ୍ବଲପୁର ହୋମିଓପାଥି ଡାକ୍ତରଖାନାରୁ ସାମଗ୍ରୀ ସ୍ଥାନାନ୍ତର କରାଯାଉଛି।

ବହୁ ବିବାଦ ପରେ ଶେଷରେ ସମ୍ବଲପୁର ମହାନଗର ନିଗମର ଶ୍ରୀଅରବିନ୍ଦ ସ୍କୁଲ ନିକଟରେ ଥିବା ହୋମିଓପାଥି ଡାକ୍ତରଖାନା ସୋମବାର ସ୍ଥାନାନ୍ତର ହୋଇଛି। ମାଝିପାଲିଠାରେ ଥିବା ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ରିସର୍ଚ୍ଚ ସେଣ୍ଟର ପରିସରକୁ ଏହା ଉଠାଇ ନିଆଯାଇଛି। ପୁରୁଣା ମେଡିକାଲର ସମସ୍ତ ସାମଗ୍ରୀ ମଧ୍ୟ ପରିବହନ କରାଯାଇଛି।

ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡାକ୍ତର ରାଜେନ୍ଦ୍ର ସିଂ କହିଛନ୍ତି, ଡାକ୍ତରଖାନା ପରିବର୍ତ୍ତନ କରାଯାଇଛି। ହେଲେ ରୋଗୀ ସେବାରେ ଯେଭଳି ବାଧା ନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୁଣା ମେଡିକାଲରେ ଆଉଟ ଡୋର ଚିକିତ୍ସା କରାଯିବ। ପୂର୍ବଭଳି ୨ ଜଣ ଡାକ୍ତର ରହିବେ। ଆବଶ୍ୟକ ସମସ୍ତ ଔଷଧ ମଧ୍ୟ ଷ୍ଟକ୍‌ରେ ରହିଛି। ପାଠ ପଢ଼ାରେ ସମସ୍ୟା ଓ ଉନ୍ନତ ମାନର ଚିକିତ୍ସା ଦେବା ପାଇଁ ସ୍ଥାନ ପରିବର୍ତ୍ତନ କରାଯାଇଛି। ମେଡିକାଲ କଲେଜ ଓ ଡାକ୍ତରଖାନା ଗୋଟିଏ ପରିସରରେ ରହିବ। ଫଳରେ ଛାତ୍ରୀଛାତ୍ର ଓ ୧୨ରୁ ୧୫ଜଣ ଡାକ୍ତର ରୋଗୀସେବା ଯୋଗାଇ ଦେଇପାରିବେ। ପ୍ରାୟ ୧୨ କି.ମି. ଦୂରରେ ଡାକ୍ତରଖାନା ରହିଥିବାରୁ ସମସ୍ୟା ହେଉଥିଲା। ଏବେ ୨୫ ଶଯ୍ୟା ବିଶିଷ୍ଟ ରହିଛି। ଆଗକୁ ୫୦ ଶଯ୍ୟା କରିବା ପାଇଁ ଯୋଜନା ରହିଛି। ଗ୍ରାମାଞ୍ଚଳର ଗରିବ, ଶ୍ରମିକ ଶ୍ରେଣୀ ତଥା ଆର୍ଥିକ ଅନଟନରେ ଥିବା ପରିବାର ଯେଭଳି ଉପକୃତ ହେବେ ସେ ନେଇ ବ୍ୟବସ୍ଥା କରାଯିବ। ନୂତନ ମେଡିକାଲ କୋଠା ଅତ୍ୟାଧୁନିକ ଭାବେ ନିର୍ମାଣ କରାଯାଇଛି। ଏଠାରେ ରୋଗୀମାନଙ୍କ ପାଇଁ ଏକ୍ସ-ରେ ଓ ଚିକିତ୍ସାରେ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରପାତି ରଖାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁରରେ ୧୯୭୮ରେ ଘରୋଇ ହୋମିଓପାଥି କଲେଜ ଆରମ୍ଭ ହୋଇଥିଲା। ୧୯୮୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ୧୯୯୨ରେ ଘୋଷଣା ହେବା ପରେ ଶିକ୍ଷାବର୍ଷ ୧୯୯୩-୯୪ରେ ଏହା ସରକାରୀ ମାନ୍ୟତା ପାଇଥିଲା। ସହର ଉପକଣ୍ଠ ମାଝିପାଲିରେ କଲେଜ ଖୋଲିଥିଲେ ମଧ୍ୟ ପୁରୁଣା କୋଠାରେ ଏହା ଚାଲୁରହିଥିଲା। ପରେ ସରକାର କଲେଜ ଓ ଡାକ୍ତରଖାନା ପାଇଁ ନୂତନ କୋଠା ନିର୍ମାଣ କରିଥିଲେ। ନୂତନ ଡାକ୍ତରଖାନାକୁ ଜାନୁୟାରୀ ୨୮ରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# କନ୍ୟାକିରଣ କାର୍ଯ୍ୟକ୍ରମ



ଉଦିତନଗର ସରକାରୀ ହାଇସ୍କୁଲ ଅଡିଟୋରିୟମରେ କନ୍ୟାକିରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉରକେଲା ଅଫିସ, ୨୫।୧

ସହରର ଉଦିତନଗର ସରକାରୀ ହାଇସ୍କୁଲ ଅଡିଟୋରିୟମରେ ସୋମବାର କନ୍ୟାକିରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ପାଳନ କରିବା ଲକ୍ଷ୍ୟ ନେଇ କିଟ୍ ଓ କିସ୍ ଅନୁଷ୍ଠାନ ପକ୍ଷରୁ ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ସାମାଜିକ ଦୂରତା ରକ୍ଷାକରି କନ୍ୟାକିରଣ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ୍ ସାମନ୍ତଙ୍କ ନିର୍ଦ୍ଦେଶରେ ନିର୍ଦ୍ଦେଶକ ସନ୍ତୋଷ କୁମାର ନାୟକ କନ୍ୟାକିରଣ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ତ୍ରିପାଠୀ, ବରିଷ୍ଠ ସାହିତ୍ୟିକ ଓ କବି ରାଜୀବ ପାଣି, ସାମାଜିକ କର୍ମୀ ମୀନତି ଦେବତା ଓ ଉଦିତ ନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ ଅତିଥି ଭାବେ ଯୋଗଦେଇ କନ୍ୟାକିରଣ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ତଥ୍ୟ ଭିତ୍ତିକ ଉଦାହରଣ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏହାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସମାଜସେବୀ କାଜଲ ପାଣ୍ଡେ ନିଜ ସମସାମୟିକ ବୟସରେ କନ୍ୟାମାନେ କିଭଳି ନିଜର ସୁରକ୍ଷା ସହ କିଭଳି ଶିକ୍ଷାକୁ ଗୁରୁତ୍ୱ ଦେଇ ଆମେ ପଢ଼ିବା ଓ ଆଗକୁ ବଢ଼ିବା ଭଳି କିଟ୍ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ସମସ୍ତେ ନିଜର ତଥା ନିଜ ପରିବାର ଭବିଷ୍ୟତ ପାଇଁ ପାଠପଢ଼ାକୁ ଗୁରୁତ୍ୱ ଦେବା ପାଇଁ ବକ୍ତବ୍ୟରେ କହିଥିଲେ। ସମାଜିସେବୀ କାଜଲ ପାଣ୍ଡେଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ ଅତିଥିମାନେ। ଏହି କାର୍ଯ୍ୟକ୍ରମରେ କିସର ସୁନ୍ଦରଗଡ଼ ଜିଲା ସଂଯୋଜକ ସୁବ୍ରତ ମହାପାତ୍ର ସମଗ୍ର ଜିଲାରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଦେଓକରଣ ବିଦ୍ୟାପୀଠ, ଲାଠିକଟାର ଲିପ୍ସାମୟୀ ନାୟକଙ୍କୁ ସମ୍ମାନିତ କରିଥିଲେ।

# ଖୁବ୍‌ଶୀଘ୍ର ନିର୍ମାଣ ହେବ ପଥରବନ୍ଧ

## ଅନ୍ଧାରି ନାଳରେ ଲୀନ ହେବ ବଳମ ଗ୍ରାମ

ନାକଟିଦେଉଳ,୨୫।୧(ଡି.ଏନ୍.ଏ.)

ନାକଟିଦେଉଳ ବ୍ଲକର ବଳମ ଗ୍ରାମ ଅନ୍ଧାରି ନାଳ ମଧ୍ୟରେ ଲୀନ ହେବାକୁ ବସିଛି। ଏହି ନାଳରେ ବର୍ଷାଦିନେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଗାଁକୁ ଲାଗିଥିବା କୂଳରୁ ମାଟି ଅତଡ଼ା ଖସିବାରେ ଲାଗିଛି। ପ୍ରତ୍ୟେକ ବର୍ଷ ନାଳକୂଳ ଅଞ୍ଚଳରୁ ଗୋଟିଏ ଦୁଇଟି ଘର ଧସି ନଦୀରେ ମିଶିଯାଉଛି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏ ସମ୍ପର୍କରେ ଅଭିଯୋଗ କରିଆସୁଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଏ ସମ୍ପର୍କରେ ଗ୍ରାମବାସୀ କିଛିଦିନ ତଳେ ରେଢ଼ାଖୋଲ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ରୋହିତ ପୂଜାରୀ ଜଳସେଚନ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିବା ସହ ତୁରନ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ କଥା ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ସମ୍ବଲପୁରର ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା ବଳମ ଗ୍ରାମକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଚିରସ୍ରୋତା ଟିକିରା ନଦୀର ଶାଖାନଦୀ ଅନ୍ଧାରି ନାଳ ଦାଉରୁ ଗ୍ରାମକୁ ରକ୍ଷା କରିବା ପାଇଁ ନାଳ କୂଳରେ ଖୁବ୍‌ଶୀଘ୍ର ପଥର ବନ୍ଧ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଏଥିପାଇଁ ଗ୍ରାମବାସୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ଥିତି ଅନୁଧ୍ୟାନ କରିବା ଅବସରରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

# ଯୁବକଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

ରାଉରକେଲା ଅଫିସ,୨୫।୧

ଛେଣ୍ଡଥାନା ଅନ୍ତର୍ଗତ ଧାମରାସଂଘ ବସ୍ତିରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି । ଯୁବକ ଜଣଙ୍କ ଗୁରୁତର ଅବସ୍ଥାରେ ଆରଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ମାନସ କୁମାର ରାଉତ(୨୩) ଧାମରାବସ୍ତିରେ ପରିବାର ସହ ବାସ କରନ୍ତି। ଗତ କିଛି ଦିନ ହେବ ତାଙ୍କ ପଡୋଶୀ ମମତା ମହାନ୍ତି ଓ ବନ୍ଧୁ ଅଭିଜିତ ଘୋଷଙ୍କ ସହ ପୂର୍ବରୁ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ସୋମବାର ମାନସ ତାଙ୍କ ଗାଡ଼ିରେ ସନ୍ଧ୍ୟା ସାଢ଼େ ୪ଟାରେ ଘରୁ ବାହାରି ନିଜ କାମକୁ ଯାଉଥିବାବେଳେ ତାଙ୍କୁ ପଛପଟୁ ଅଭିଜିତ ଓ ତାଙ୍କର କିଛି ସହଯୋଗୀ ହଠାତ ମାରଣାଅସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଉଦ୍ଧାର କରି ଆରଜିଏଚ୍ ନେବା ସହ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପଚ୍ଚା ମିଳିବାର ୮ବର୍ଷ ପରେ ଜମି ଚିହ୍ନଟ

## ବୀରମହାରାଜପୁର ତହସିଲ

ଅମରପାଲି, ୨୫।୧(ଡି.ଏନ.ଏ.)

ଭୂମିହୀନଙ୍କୁ ମିଳିଥିଲା ଜମିପଟ୍ଟା। ବାରମ୍ବାର ଅଭିଯୋଗ ପରେ ମଧ ହେଉ ନ ଥିଲା ଜମି ଚିହ୍ନଟ। ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ପ୍ରଚେଷ୍ଟାରେ ଏବେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରି (କଲୋନିପଡା)ର ଘରଡିହ ପାଇଥିବା ହିତାଧିକାରୀଙ୍କ ଜମି ଚିହ୍ନଟ ହୋଇଛି। ଗ୍ରାମରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର। ଭୂମିହୀନ ହୋଇଥିବାରୁ ୨୦୧୨ ମସିହାରେ ପ୍ରତ୍ୟେକ ପରିବାରକୁ ବସୁନ୍ଧରା ଯୋଜନାରେ ୧୦୦ ଡିସିମିଲ ଲେଖାଏ ଜମି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା। ସେହି ଦିନଠାରୁ ସେମାନେ ପ୍ରତିବର୍ଷ ଉକ୍ତ ଜମିର ଖଜଣା ପ୍ରଦାନ କରୁଛନ୍ତି। ସେମାନଙ୍କ ମଧ୍ୟରେ ୮ରୁ ୧୦ ଜଣ ବିଧବା ରହିଛନ୍ତି। ପଟ୍ଟା ପାଇଥିଲେ ମଧ ଜମି ଚିହ୍ନଟ ହେଉ ନ ଥିବାରୁ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ ମଧ ତିଆରି କରି ପାରୁନାହାନ୍ତି। ସୋମବାର କେଞ୍ଜିରିଆପାଲି ରାଜସ୍ୱ ନିରୀକ୍ଷକ ରାଜେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଆସି ୨୦ଜଣଙ୍କ ଜମି ଚିହ୍ନଟ କରିଥିଲେ। ଅବଶିଷ୍ଟ ୯ଜଣଙ୍କ ପଟ୍ଟାରେ କିଛି ତ୍ରୁଟି ଯୋଗୁ ଏହାକୁ ସୁଧାର ପରେ ତାଙ୍କର ଜମି ଚିହ୍ନଟ ହେବ ବୋଲି ଆରଆଇ ମିଶ୍ର ପ୍ରକାଶ କରିଛନ୍ତି। ଜମି ଚିହ୍ନଟ ପରେ ହିତାଧିକାରୀମାନେ ଖୁସି ପ୍ରକାଶ କରିଛନ୍ତି।

# ସିପିଆଇଏମ୍‌ର ବାର୍ଷିକ ସମ୍ମିଳନୀ

ଲହୁଣୀପଡା, ୨୫।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ତାଲବାହାଲି ପଞ୍ଚାୟତ ବୁଢ଼ାଭୂଇଁସ୍ଥିତ ଖଣ୍ଡାଧାରଠାରେ ସିପିଆଇଏମ୍ ଖୁଣ୍ଟଗାଁ ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ ଓ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମୀର ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି କୋଇଡା ବ୍ଲକ (ଖ) ଜିଲାପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ବଣାଇ ଆଞ୍ଚଳିକ କମିଟି ସମ୍ପାଦକ ଅନିରୁଦ୍ଧ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଦଳୀୟ କର୍ମୀମାନଙ୍କୁ ସଙ୍ଗଠନକୁ କିଭଳି ମଜଭୁତ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧି ଯୋଜନାକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ବେହେରା, ପ୍ରଦୀପ ଜିତ, କେଶବ ପାତ୍ର, ଆଞ୍ଜେଲା ମୁଣ୍ଡା, ବିନୋଦ ମାହାନ୍ତ, ଭୁବନ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ଗ୍ରାମରୁ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ଥଇଥାନ, କ୍ଷତିପୂରଣ ଦାବିରେ ଧାରଣା

ବଲାଙ୍ଗୀର ଅଫିସ, ୨୫।୧

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ କିଛିଦିନ ତଳେ ସୂର୍ଯ୍ୟନଗରଠାରେ ଉଚ୍ଛେଦ କରି ସରକାରୀ ଜମିରେ ଥିବା ଶତାଧିକ ଘର ଭାଙ୍ଗି ଦିଆଯାଇଥିଲା। ସେଠାରେ ରହୁଥିବା ଗରିବ ଲୋକେ ସୋମବାର ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଅନିଶ୍ଚିତକାଳୀନ ଧାରଣା ଦେଇଛନ୍ତି। ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ. ବିପିନ କୁଶଲିଆଙ୍କ ନେତୃତ୍ୱରେ ଉଚ୍ଛେଦ ହୋଇଥିବା ଲୋକେ ଧାରଣାରେ ବସିଥିଲେ। ଧାରଣାରେ ସୂର୍ଯ୍ୟନଗର-ଆନନ୍ଦନଗର ବସ୍ତିବାସିନ୍ଦା ନାଗରିକ ସୁରକ୍ଷା ସମିତି ସଭାପତି ଶାନ୍ତିଲତା ତ୍ରିପାଠୀ, ଉପସଭାପତି ସନ୍ତୋଷିନୀ ଦୀପ, ମହାସଚିବ ପଦ୍ମାବତୀ ନାଏକ, କୋଷାଧ୍ୟକ୍ଷ ଦିବ୍ୟସିଂହ ଭୋଇ, ସଂଯୋଜକ ପବିତ୍ର ନନ୍ଦ ଉପସ୍ଥିତ ଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ସୋନୁ, ପ୍ରତୀକ ଚାମ୍ପିୟନ

ପାଇକମାଳ,୨୫।୧(ଡି.ଏନ.ଏ)



କୃତୀ ଖେଳାଳିଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଉଛି ।

ବରଗଡ଼ ଜିଲା ପାଇକମାଳ ପ୍ରାଣୀଧନ ଚିକିତ୍ସାଳୟ ପରିସର ପଡିଆରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସୋନପୁରର ସୋନୁ ଓ ପ୍ରତୀକ ଯୋଡି ଚାମ୍ପିୟନ ହୋଇଛନ୍ତି। ଏହି ଏକଦିବସୀୟ ଖେଳରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସୋନପୁରର ସୋନୁ ନାୟକ ଓ ପ୍ରତୀକ ସିଂଦେଓ ଏବଂ ସୋନପୁରର ସରୋଜ ଭୋଇ ଓ ଚିନ୍ମୟ ବେହେରାଙ୍କ ମଧ୍ୟରେ ହୋଇଥିଲା। ୨୧-୧୫, ୧୯-୨୧ ଓ ୨୧-୧୩ ସେଟରେ ସୋନୁ ଓ ପ୍ରତୀକ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁଶାନ୍ତ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅତାବିରା ପ୍ରାଣୀଧନ ଚିକିତ୍ସକ ଡା. ଶୋଭନ ନାୟକ ମୁଖ୍ୟଅତିଥି, ଡା. ଦେବିପ୍ରସାଦ ବେହେରା, ପ୍ରଦୀପ୍ତ ସାହୁ, ଜୟନ୍ତ ସାହୁ, ଲିଙ୍ଗରାଜ ସାହୁ, ନୃସିଂହ ପ୍ରଧାନ, ପ୍ରମୋଦ ପ୍ରଧାନ ଏବଂ ସୁରଥ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପବିଜୟୀ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ସେହିପରି ପାଇକମାଳର ଖେଳାଳି ଅୟୁସ ଅଗ୍ରୱାଲ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପଦ୍ମପୁରର ରାଜେଶ ଅଗ୍ରୱାଲ ଓ ରାଜଖରିଆରର ମୁକେଶ ଧରୁଆଙ୍କୁ ଟ୍ରଫି ସହ ସମ୍ମାନୀତ କରାଯାଇଥିଲା। ସୁମିତ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଗୋପାଳ ଅଗ୍ରୱାଲ, କୁନ୍ଦନ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ଜ୍ୟାକି ସରାଫ ସ୍କୋରର ଥିଲେ।

# ମ୍ୟାଲେରିଆ ଗବେଷଣା କେନ୍ଦ୍ର ଉଚ୍ଛେଦକୁ ବିରୋଧ

## ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇର ବିକ୍ଷୋଭ

ରାଉରକେଲା ଅଫିସ,୨୫।୧

ସେକ୍ଟର-୫ ସ୍ଥିତ ମ୍ୟାଲେରିଆ ରିସର୍ଚ୍ଚ ସେଣ୍ଟର (ଏନ୍ଆଇଏମ୍ଆର)କୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଞ୍ଚି ମ୍ୟାଲେରିଆ ଗବେଷଣା କେନ୍ଦ୍ର ସହ ମିଶାଇବାକୁ ନିର୍ଦ୍ଦେଶ ଦେଇଛି। ଏହାକୁ ନେଇ ରାଉରକେଲା ସିପିଆଇ ପକ୍ଷରୁ ବିରୋଧ କରାଯାଇଛି। ସିପିଆଇର ନେତା ସଦାନନ୍ଦ ସାହୁ ଓ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ବହୁ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପଶ୍ଚିମ ଓଡ଼ିଶାରେ କୌଣସି ସ୍ଥାନରେ ମ୍ୟାଲେରିଆ ରିସର୍ଚ୍ଚସେଣ୍ଟର ନ ଥିବାବେଳେ ୧୯୮୮ ମସିହାରୁ ଏହି ରିସର୍ଚ୍ଚ ସେଣ୍ଟର ରାଉରକେଲାଠାରେ କାର୍ଯ୍ୟ କରିଆସୁଥିଲା। ସୁନ୍ଦରଗଡ଼ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏଠାରେ ମ୍ୟାଲେରିଆ ରିସର୍ଚ୍ଚ ସେଣ୍ଟର ଆବଶ୍ୟକତା ଜରୁରୀ ବୋଲି ସିପିଆଇର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଦୀର୍ଘ ୩୨ବର୍ଷ ଧରି ସହରରେ ଏହି ରିସର୍ଚ୍ଚ ସେଣ୍ଟର ଥିବାବେଳେ କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ ପାର୍ଟି ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ସିପିଆଇର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସିପିଆଇର ଭଗବତ ସାହୁ, ଛାୟାକାନ୍ତ ସେନାପତି, ପଞ୍ଚାନନ ସୁନା, କାର୍ତ୍ତିକ ନାୟକ, ସନ୍ତୋଷ ଦାସ, ଅଭିମନ୍ୟୁ ମହାନ୍ତି, ନଳିନୀ ସୁନା, ଝରଣା ନାୟକ, ଗୀତା ବେହେରା, ଭାଗବତ ପ୍ରସାଦ ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତି ଥିଲେ।




ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ହଳଦିଗାଁରେ କଲରାପତରିଆ ବାଘ ଆତଙ୍କ

ତରବୋଡ/ନୂଆପଡା ଅଫିସ, ୨୫।୧ (ଡି.ଏନ.ଏ.)



ହଳଦୀ ପାହାଡ଼ ଶୀର୍ଷ ସାରଦା ଦେବୀ ମନ୍ଦିର ଚଟାଣ ଉପରେ ରହିଥିବା ବାଘ ।

ନୂଆପଡା ଜିଲାରେ ଗତ କିଛି ଦିନ ହେଲା ବାଘ ଆତଙ୍କ ଦେଖାଦେଇଥିବାରୁ ଲୋକେ ଭୟଭୀତ ହୋଇ ବଣପାହାଡ଼ କିମ୍ବା ଜମିବାଡ଼ିକୁ ଯାଉନାହାନ୍ତି। ଏବେ ପୁଣି ଥରେ ରବିବାର ରାତି ଏବଂ ସୋମବାର ଦିନରେ ଖରିଆର ରୋଡ ବନାଞ୍ଚଳ ହଳଦିଗାଁରେ ୪ଟି କଲରାପତରିଆ ବାଘ ବୁଲୁଥିବା ଦେଖି ଗାଁ ଲୋକେ ଭୟରେ ବାହାରକୁ ବାହାରୁ ନାହାନ୍ତି। ପାହାଡ ତଳିଆ ଗାଁ ହୋଇଥିବାରୁ ଦିନରେ ବି ବାଘ ଗାଁ ଭିତରକୁ ପଶିଆସୁଛି। ସୁନାବେଡା ଅଭୟାରଣ୍ୟ ଗୋଡା ପାହାଡକୁ ଲାଗି ହଳଦି ଜଙ୍ଗଲ ରହିଥିବା ଯୋଗୁ ବାଘର ଆଡ୍ଡା ପାଲଟି ଯାଇଛି। ପାହାଡ ଶୀର୍ଷରେ ସାରଦା ଦେବୀ ମନ୍ଦିର ରହିଛି। ସେ ପାଖରେ ଥିବା ବଡ ଚଟାଣ ଉପରେ ବାହାରି ରହିଥିବା ରାଜ କୁମାର ଚେଲକ ଜଣେ ଗ୍ରାମବାସୀ ଦେଖିଥିବା କହିଥିଲେ। ହଳଦିଗାଁରେ ପୂର୍ବରୁ ଘଟଣା ଘଟିଥିବାରୁ ଭୟରେ ଦିନରାତି ତାଟିକବାଟ ବନ୍ଦ ରହୁଛି।

ସୂଚନାଯୋଗ୍ୟ, ସେହି ଗାଁରେ ୨୦୧୭ ମେ ୨୬ ତାରିଖ ବିଳମ୍ବିତ ରାତିରେ ମା' କେତକୀ ପାଣ୍ଡେଙ୍କ ୩ ବର୍ଷର ଶିଶୁପୁତ୍ର ଛଗନଲାଲକୁ ବାଘ ଟେକି ହଳଦୀ ଜଙ୍ଗଲ ପାହାଡ ଉପରକୁ ନେଇ ଖାଇ ଦେଇଥିଲା। ୨୦୧୭ ଜୁନ ୧୦ରେ ଆଈ ନାତୁଣୀ ଧାନବାଇ ପାଣ୍ଡେ (୬୦), ଚନ୍ଦ୍ରିକା ପାଣ୍ଡେ (୧୩)ଙ୍କୁ ବାଘ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ବନ ବିଭାଗ ୨ଟି ବାଘକୁ ଧରି ନନ୍ଦନକାନନରେ ଛାଡିଥିଲା। ଗାଁ ଲୋକଙ୍କ ସୁରକ୍ଷା ପାଇଁ ଜଙ୍ଗଲ ଓ ଗାଁ ମଝିରେ ୧ କି.ମି. ତାରବାଡା ଦିଆଯାଇଛି। ପୁଣି ବାଘ ଆସିଥିବାରୁ ଗାଁ ଲୋକେ ଭୟଭୀତ ହୋଇଛନ୍ତି। ୨୦୧୭ରେ ୨ଟି ବାଘ ଧରି ନନ୍ଦନକାନନରେ ଛଡା ହୋଇଥିଲା । ତେଣୁ ଏବେ ଏହି ବାଘକୁ ଧରି ଛଡାଯାଉ ବୋଲି ଗ୍ରାମବାସୀ ଜଙ୍ଗଲ ବିଭାଗକୁ ଗୁହାରି କରିଛନ୍ତି। ଏ ସଂକ୍ରାନ୍ତରେ ଖରିଆର ରୋଡ ବନାଞ୍ଚଳ ରେଞ୍ଜର ନିରଞ୍ଜନ ମାଝିଙ୍କୁ ପଚାରିବାରୁ ଆମ ବିଭାଗ ତରଫରୁ ରାତିରେ ପାଟ୍ରୋଲିଂ କରାଯାଉଛି। ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି ବୋଲି ପ୍ରକାଶ କରିଥିଲେ।

